ବର୍ଷ-୨୬, ସଂଖ୍ୟା-୮୦
ଭୁବନେଶ୍ୱର
୨୪, ମାର୍ଚ୍ଚ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.90
Bhubaneswar
24 March, , 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୪୦ ବର୍ଷରେ ପାଦ ଥାପିଲେ କଙ୍ଗନା ରଣାଓ୍ୱତ

## ପୋଲିସ ସ୍କାନରରେ ଅଛି ଓୟୋ ରୁମ

ଭୁବନେଶ୍ୱର, ୨୩।୩(ମହାଭାରତ):ସେକ୍ସ ରାକେଟ ସନ୍ଦେହରେ ପୋଲିସ ସ୍କାନରରେ ଅଛି ଓୟୋ ରୁମ । ଜୁଲାଇ ୨୦୨୪ ଠାରୁ ଭୁବନେଶ୍ୱର ସହରାଂଚଳ ଜିଲ୍ଲା ଅଧୀନରେ ଅବୈଧ ସେକ୍ସ ରାକେଟ ସମ୍ବନ୍ଧିତ କାର୍ଯ୍ୟକଳାପକୁ ରୋକିବା ପାଇଁ ଓୟୋ ହୋଟେଲଗୁଡ଼ିକରେ ନିୟମିତ ପାଟ୍ରୋଲିଂ ଓ ଚଢ଼ାଉ କରାଯାଉଛି । ଅକ୍ଟୋବର ଓ ନଭେମ୍ବର ୨୦୨୫ ଠାରୁ ଭୁବନେଶ୍ୱରର ବିଭିନ୍ନ ଅଂଚଳ, ବସ୍ତି, ଭଡ଼ାଘର ଓ ହୋଟେଲଗୁଡ଼ିକରେ ଚଢ଼ାଉ କରାଯାଇଛି । ସେକ୍ସ ରାକେଟ୍ ଚଳାଉଥିବା ମାଲିକ, ସଂପୃକ୍ତ ଦଲାଲ ଓ ଏଥିରେ ଲିପ୍ତ ଥିବା ବ୍ୟକ୍ତିବିଶେଷଙ୍କ ଗିରଫ କରାଯାଇଛି । ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଏକ ଘରେ ରେଡ କରାଯାଇ ଜଣେ ଘର ମାଲିକଙ୍କୁ ଗିରଫ କରାଯାଇଥିଲା । ଏହି ସଂକ୍ରାନ୍ତରେ ୩ ଦଲାଲ ଓ ୪ ଜଣ ଗ୍ରାହକ ଗିରଫ ହୋଇଥିଲେ । ସେହିପରି କ୍ୟାପିଟାଲ ହସ୍ପିଟାଲ ପାଖ ଏକ ଭଡ଼ା ଘରୁ ରେଡ କରାଯାଇ ୨ ଦଲାଲ ଓ ୪ ଗ୍ରାହକଙ୍କୁ ଗିରଫ କରାଯାଇଥିବା ନେଇ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

# ଟ୍ରମ୍ପଙ୍କ ବଡ ଘୋଷଣା : ୫ ଦିନ ପାଇଁ ଇରାନ ସହ ଯୁଦ୍ଧ ବନ୍ଦ

ଓ୍ୱାଂଶିଟନ, ୨୩।୩(ମହାଭାରତ): ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରେ ନୂଆ ଟ୍ୱିଷ୍ଟ । ଆକ୍ରମଣ ଓ ପ୍ରତି ଆକ୍ରମଣର ବିପଦ ମଧ୍ୟରେ ବଡ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆସନ୍ତା ୫ ଦିନ ପାଇଁ ଆମେରିକା ସେନା ଇରାନର କୌଣସି ଏନର୍ଜୀ ଓ ଭିତ୍ତିଭୂମି ଉପରେ ଆକ୍ରମଣ କରିବ ନାହିଁ । ୫ ଦିନ ପାଇଁ ସମସ୍ତ ପ୍ରକାରର ଇରାନ ବିରୋଧୀ ସୈନ୍ୟ ଆକ୍ରମଣକୁ ସ୍ଥଗିତ ରଖିବାକୁ ଆମେରିକା ନିଷ୍ପତ୍ତି ନେଇଥିବା ସେ କହିଛନ୍ତି ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯୁଦ୍ଧ ସ୍ଥଗିତ ରହିଥିବା କହିଥିଲେ ହେଁ ଇରାନ କିଛି ବି ଘୋଷଣା କରିନି । ସେହିପରି ଦୁଇ ପକ୍ଷ ମଧ୍ୟରେ ସତରେ ଆଲୋଚ଼ନା ହୋଇଛି କି ନାହିଁ, ସେକଥା ମଧ୍ୟ ତେହରାନ ସ୍ପଷ୍ଟ କରିନାହିଁ ।

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ହ୍ରାସ କରିବାର ସଙ୍କେତ ଦେଇ ଟ୍ରମ୍ପ କହିଛନ୍ତି ଯେ ଓ୍ୱାଶିଂଟନ ଓ ତେହରାନ ଏବେ ଗୋଟିଏ ଉତ୍ତମ ଓ ଫଳପ୍ରଦ ଆଲୋଚ଼ନା କରିଛନ୍ତି । ଏଥିସହ ମଧ୍ୟପ୍ରାଚ୍ୟରେ ବିବାଦ ହ୍ରାସ କରିବା ନେଇ ଗୋଟିଏ ପୂର୍ଣ୍ଣ ସଂକଳ୍ପ ଆସିବାର ସମ୍ଭାବନା ଥିବା ମଧ୍ୟ ସେ କହିଛନ୍ତି ।

ଆଲୋଚ଼ନାକୁ ଆଗକୁ ବଢ଼ାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଇରାନୀୟ ପାଓ୍ୱାର ପ୍ଲାଣ୍ଟ ଓ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଆସନ୍ତା ୫ ଦିନ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ୪ ସପ୍ତାହ ଧରି ଜାରି ରହିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ପ୍ରଥମଥର ପାଇଁ ଏପରି ଘୋଷଣା ସମସ୍ତଙ୍କୁ ଆଶ୍ୱସ୍ତ କରିଛି ।

### କଟାକ୍ଷ କଲା ଇରାନ୍



ସୋଶାଲ ମିଡିଆରେ ଗୋଟିଏ ବିବୃତି ଜାରି କରି ଟ୍ରମ୍ପ କହିଛନ୍ତି, “ଗତ ୨ ଦିନ ଧରି ଆମେରିକା ଓ ଇରାନ ମଧ୍ୟରେ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନାକୁ ହ୍ରାସ କରିବା ପାଇଁ ଗୋଟିଏ ଫଳପ୍ରଦ ଓ ଉତ୍ତମ ଆଲୋଚ଼ନା ହୋଇଛି । ଏହି ବିସ୍ତୃତ, ଗଭୀର ଓ ଫଳପ୍ରଦ ଆଲୋଚ଼ନା ଆସନ୍ତା ଗୋଟିଏ ସପ୍ତାହ ଧରି ଜାରି ରହିବ । ମୁଁ ପ୍ରତିରକ୍ଷା ବିଭାଗକୁ ବର୍ତ୍ତମାନ ଚ଼ାଲିଥିବା ବୈଠକ ଓ ଆଲୋଚ଼ନାର ସଫଳତାକୁ ଧ୍ୟାନରେ ରଖି ଇରାନୀୟ ପାଓ୍ୱାର ପ୍ଲାଣ୍ଟ ଓ ଶକ୍ତି ଭିତ୍ତିଭୂମି ଉପରେ କୌଣସି ପ୍ରକାରର ସୈନ୍ୟ ଆକ୍ରମଣ ଆସନ୍ତା ୫ ଦିନ ପାଇଁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛି ।’’

ତେବେ ଏହି ଆଶ୍ୱସ୍ତି ସାମୟିକ । ଅସ୍ଥାୟୀ ଭାବେ ଆକ୍ରମଣକୁ ସ୍ଥଗିତ ରଖାଯାଇଛି । ଆକ୍ରମଣର ଭବିଷ୍ୟତ ବର୍ତ୍ତମାନ ଚ଼ାଲିଥିବା ଆଲୋଚ଼ନା ଉପରେ ହିଁ ନିର୍ଭର କରୁଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧ ସ୍ଥଗିତ ଘୋଷଣାକୁ କଟାକ୍ଷ କରିଛି ଇରାନ । ଟ୍ରମ୍ପଙ୍କୁ ପରୋକ୍ଷରେ ଇରାନ ମିଛୁଆ କହିବାକୁ ମଧ୍ୟ ପଛାଇ ନାହିଁ । ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ସହ କୌଣସି ପ୍ରକାରର ଆଲୋଚ଼ନା ହୋଇନାହିଁ । ଇରାନର କାଉଣ୍ଟର ଆଟାକ ଦେଖି ଟ୍ରମ୍ପ ଭୟରେ ପଛଘୁଞ୍ଚା ଦେଇଥିବା ଇରାନ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଛି । ଆମେରିକା ୫ ଦିନ ପାଇଁ ଆକ୍ରମଣକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିବା ବେଳେ ଇସ୍ରାଏଲ କିନ୍ତୁ ଇରାନ ଉପରେ ଆଜି ବି ଆକ୍ରମଣ କରିଛି । ଟ୍ରମ୍ପଙ୍କ ଯୁଦ୍ଧ ବିରତି ଘୋଷଣା ସତ୍ତ୍ୱେ ଆଜି ଇସ୍ରାଏଲ ସେନା ଇରାନର ବିଭିନ୍ନ ଠିକଣାରେ ହମଲା କରିଥିବା ଦାବି କରିଛି । କିନ୍ତୁ ଏଯାଏ ଇରାନ ପକ୍ଷରୁ ଏହି ହମଲା ସମ୍ପର୍କରେ ସ୍ପଷ୍ଟ କରାଯାଇ ନାହିଁ । ହେଲେ ଟ୍ରମ୍ପଙ୍କ ଯୁଦ୍ଧ ବିରତିକୁ ଇରାନ ତାଚ୍ଛଲ୍ୟ କରିବାକୁ ପଛାଇ ନାହିଁ । ଇରାନ ଗଣମାଧ୍ୟମରେ କୁହାଯାଇଛି ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନିଜର ଯୋଜନାରୁ ପଛକୁ ହଟିବାର କାରଣ ହେଉଛି ଇରାନର ଧମକ ରହିଛି । ଯଦି ଇରାନର କୌଣସି ପାଓ୍ୱାର ପ୍ଲାଣ୍ଟ ଉପରେ ଆକ୍ରମଣ କରାଯିବ, ତା’ହେଲେ ଏହାର ପରିଣାମ ଭୟଙ୍କର ହେବ ବୋଲି ତେହରାନ କହିଥିଲା । ଆକ୍ରମଣର ଜବାବ ଦେବାକୁ ପଶ୍ଚିମ ଏସିଆରେ ଥିବା ସମସ୍ତ ପାଓ୍ୱାର ପ୍ଲାଣ୍ଟ ଓ ଭିତ୍ତିଭୂମି ଉପରେ ଇରାନ କାଉଣ୍ଟର ଆଟାକ କରିବ । ଏହି ଧମକ ପରେ ଟ୍ରମ୍ପ ପୂରା ଛାନିଆ ହୋଇଯାଇଥିଲେ । ଦିନକ ତଳେ ଇରାନକୁ ୪୮ ଘଣ୍ଟିଆ ଡେଡଲାଇନ ଦେଇଥିବା ଟ୍ରମ୍ପ ଏବେ ପଛ ଘୁଞ୍ଚାଇ ଦେଇ ଯୁଦ୍ଧ ବିରତି ଲାଗୁ କରିଛନ୍ତି ।।

# ଯୁଦ୍ଧ ସ୍ଥିତି ନେଇ ସଂସଦରେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ

### ଭାରତୀୟଙ୍କ ସୁରକ୍ଷା ଆମ ପ୍ରାଥମିକତା : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୦୩(ମହାଭାରତ): ’’ପଶ୍ଚିମ ଏସିଆ ସ୍ଥିତି ଚ଼ିନ୍ତାଜନକ । ଯୁଦ୍ଧର ପ୍ରଭାବ ଭାରତ ଉପରେ ପଡ଼ିଛି । ଯୁଦ୍ଧ ଦ୍ୱାରା ପ୍ରଭାବିତ ଦେଶମାନଙ୍କ ସହ ଭାରତର ବ୍ୟବସାୟ ଜଡ଼ିତ । ପ୍ରଭାବିତ ଦେଶମାନଙ୍କରେ ପ୍ରାୟ ୧ କୋଟି ଭାରତୀୟ ରହୁଛନ୍ତି । ଯୁଦ୍ଧ ଆରମ୍ଭ ପରଠାରୁ ସେଠାରେ ରହୁଥିବା ଭାରତୀୟଙ୍କୁ ସହାୟତା କରୁଛୁ । ୩ ଲକ୍ଷରୁ ଅଧିକ ଭାରତୀୟ ସୁରକ୍ଷିତ ଫେରିଛନ୍ତି । ୨୪ ଘଣ୍ଟିଆ ହେଲ୍ପ ଲାଇନ ବ୍ୟବସ୍ଥା ଖୋଲା ରହିଛି । ଯୁଦ୍ଧ ପରଠାରୁ ହୋର୍ମୁଜ ପ୍ରଣାଳୀ ଦେଇ ଜାହାଜ ଆସିବା କଷ୍ଟକର ହୋଇଛି । ଏଥିପାଇଁ ଘରୋଇ ଖଚଏକୁ ସରକାର ଗୁରୁତ୍ୱ ଦେଇ ଆସିଛନ୍ତି । ପେଟ୍ରୋଲ, ଡିଜେଲ୍ ଯୋଗାଣ ସ୍ୱାଭାବିକ ରହିଛି । ୩ ଲକ୍ଷରୁ ଅଧିକ ଭାରତୀୟ ସୁରକ୍ଷିତ ଫେରିଛନ୍ତି । ଇରାନରୁ ୧ ହଜାରରୁ ଅଧିକ ଭାରତ ଫେରିଛନ୍ତି । ଭାରତ ସବୁ ପରିସ୍ଥିତିର ସାମ୍ନା କରିବ । କରୋନା କାଳରେ ଯେଉଁ ଧୈର୍ଯ୍ୟର ସହ ପରିସ୍ଥିରର ମୁକାବିଲା କରିଥିଲେ ଠିକ୍ ସେମିତି କରିବ । ପଶ୍ଚିମ ଏସିଆ ସ୍ଥିତିକୁ ନେଇ ସରକାର ସମ୍ବେଦନଶୀଳ-ସତର୍କ ଏବଂ ସହାୟତା ପାଇଁ ବି ତ ।’’ ଲୋକସଭାରେ ସମ୍ବୋଧନ କରି ପଶ୍ଚିମ ଏସିଆ ସ୍ଥିତି ନେଇ ଗୃହକୁ ଅବଗତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଗୃହରେ ଅଭିଭାଷଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ’’ଏହି ସଂଘର୍ଷ ୩ ସପ୍ତାହରୁ ଅଧିକ ସମୟ ଧରି ଚ଼ାଲିଛି । ଏହା ବିଶ୍ୱ ଅର୍ଥନୀତି ଏବଂ ଲୋକଙ୍କ ଜୀବନ ଉପରେ ଗମ୍ଭୀର ପ୍ରଭାବ ପକାଉଛି । ସେଥିପାଇଁ ବିଶ୍ୱ ସମସ୍ତ ପକ୍ଷକୁ ଏହି ସଂଘର୍ଷର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରୁଛି । ଏହି ଯୁଦ୍ଧ ଭାରତ ଆଗର ଅପ୍ରତ୍ୟାଶିତ ଚ଼୍ୟାଲେଞ୍ଜ ସୃଷ୍ଟି କରିଛି । ଏହା ଉଭୟ ଆର୍ଥିକ, ଜାତୀୟ ସୁରକ୍ଷା ଏବଂ ମାନବୀୟ ସହ ଜଡ଼ିତ । ଭାରତ ଆଜିକା ଦିନରେ ୪୧ଟି ଦେଶରୁ ଏନର୍ଜି ଆମଦାନୀ କରୁଛି । ଭାରତରେ ତେଲ, ଗ୍ୟାସ



ଏବଂ ସାର ପରି ଜରୁରୀ ଜିନିଷ ହୋର୍ମୁଜ ଦେଇ ଆସେ । ଯୁଦ୍ଧ ପରେ ଏହି ପଥରେ ଜାହାଜ ଚ଼ଳାଚ଼ଳ ବାଧାପ୍ରାପ୍ତ ହୋଇଛି । ଦେଶବାସୀଙ୍କୁ ଯେପରି ଗ୍ୟାସ, ତେଲ ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେ ଦିଗରେ ଗୁରୁତ୍ୱ ଦିଆଯାଇଛି । ଦେଶରେ ଏଲପିଜି ଉତ୍ପାଦକୁ ବଢ଼ାଯାଉଛି । ଭାରତ ୬୦ ପ୍ରତିଶତ ଏଲପିଜି ଆମଦାନୀ କରିଥାଏ । ପେଟ୍ରୋଲ,ଡିଜେଲ ସପ୍ଲାଇ ଶୃଙ୍ଖଳ ବଜାୟ ରଖିବାକୁ ଉଦ୍ୟମ ହେଉଛି । ଭାରତ ସରକାର ଗଲ୍ଫ ସାମୁଦ୍ରିକ ଅଞ୍ଚଳ ଉପରେ ଧ୍ୟାନ ରଖିଛନ୍ତି । ଯୁଦ୍ଧର ପ୍ରଭାବ ସାରା ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଛି । ଭାରତ ଉପରେ କମ୍ ? ପ୍ରଭାବ ନେଇ ପ୍ରୟାସ ଜାରି ରହିଛି । ସରକାର ଏକ ଆନ୍ତଃମନ୍ତ୍ରିସ୍ତରୀୟ କମିଟି ଗଠନ କରି ନଜର ରଖିଛନ୍ତି । ଏବେ ଭାରତ ପାଖରେ ୫୫ ଲକ୍ଷ ମେଟ୍ରିକ୍ ଟନ୍ ପେଟ୍ରୋଲ ରହିଛି । ସରକାର ଅଲଗା ଅଲଗା ସପ୍ଲାଏରଙ୍କ ସହିତ ସଂପର୍କରେ ଅଛନ୍ତି । ହୋର୍ମୁଜ୍ ଷ୍ଟ୍ରେଟରେ ଫସିଥିବା କିଛି ଜାହାଜ ସରକାରଙ୍କ ଉଦ୍ୟମମ କାରଣରୁ ଦେଶକୁ ଆସିଛନ୍ତି । ଗତ ୧୦ ,୧୨ ବର୍ଷ ମଧ୍ୟରେ ଏଥାନେଲ୍ ଉତ୍ପାଦନ ଓ ବ୍ଲେଣ୍ଡିଂ ଉପରେ କାମ ହେଉଛି । ଏବେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନେଲ୍ ବ୍ଲେଣ୍ଡିଂ । ହେଉଛି ଦେଶର କୃଷକଙ୍କୁ ଏହି ସଂକଟରୁ ରକ୍ଷା କରିବା ପାଇଁ କାର୍ଯ୍ୟ ଚ଼ାଲିଛି । ୟୁରିଆ ସାର ଦାମ୍ ବିଶ୍ୱର ଅନ୍ୟ ଦେଶଠାରୁ କମ୍ ? ରଖାଯାଇଛି । କୃଷକମାନଙ୍କୁ ୨୨ ଲକ୍ଷ ସୋଲାର ପମ୍ପ ବଣ୍ଟନ ହୋଇଛି ।’’

ପଶ୍ଚିମ ଏସିଆ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ’’ସଙ୍କଟର ଏହି ସମୟରେ ଦେଶ ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ । କୂଟନୈତିକ ଦୃଷ୍ଟିରୁ ଭାରତର ଭୂମିକା ସ୍ପଷ୍ଟ । ଆରମ୍ଭରୁ ଆମେ ସଙ୍କଟକୁ ନେଇ ଗଭୀର ଚ଼ିନ୍ତା ପ୍ରକଟ କରିଥିଲୁ । ଭାରତ ନାଗରିକ, ଏନର୍ଜି ଏବଂ ଟ୍ରାନ୍ସପୋର୍ଟ ସହ ଜଡ଼ିତ ଭିତ୍ତିଭୂମି ଉପରେ ଆକ୍ରମଣକୁ ବିରୋଧ କରିଛି । କମର୍ସିଆଲ ଜାହାଜ ଏବଂ ହୋର୍ମୁଜ ମାର୍ଗରେ ଜଳମାର୍ଗରେ ବିରୋଧ ଗ୍ରହଣୀୟ ନୁହେଁ । ଭାରତ ସବୁବେଳେ ମାନବାତାର ହିତ ଏବଂ ଶାନ୍ତି ପକ୍ଷରେ ସ୍ୱର ଉଠାଇଛି । ଆଲୋଚ଼ନା ଏବଂ କୂଟନୀତି ହିଁ ଏହି ସମସ୍ୟାର ସମାଧାନ । ଆମ ପ୍ରତ୍ୟେକ ପ୍ରୟାସ ଉତ୍ତେଜନାକୁ କମ୍ କରିବା ଏହି ସଂଘର୍ଷକୁ ସମାପ୍ତ କରିବାକୁ । ଏପରି ସଙ୍କଟ ସମୟରେ କିଛି ଏହାର ଫାଇଦା ଉଠାନ୍ତି ତେଣୁ ଏ ନେଇ ସବୁ ଆଲର୍ଟରେ ରହିଛନ୍ତି । ଯୁଦ୍ଧ ପ୍ରଭାବ ଦୀର୍ଘ ସମୟ ଧରି ରହିବା ଆଶଙ୍କା ରହିଛି । ତେଣୁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ । କରୋନା ସମୟରେ ଏକଜୁଟ ହୋଇ ପରିସ୍ଥିତିର ସାମ୍ନା କରିଥିଲେ ଠିକ୍ ସେମିତି ହି ସବୁ ଚ଼୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ । ଏହା ହିଁ ଭାରତ ଶକ୍ତି । ଦେଶର ସରକାର ଏବଂ ନାଗରିକ ଏକାଠି କାମ କଲେ ଭାରତ ସବୁ ଚ଼୍ୟାଲେଞ୍ଜକୁ ବି ଚ଼୍ୟାଲେଞ୍ଜ ଦେବ ।’’

## ମେ ୨୯ରେ ଓଟିଇଟି ପରୀକ୍ଷା

ଭୁବନେଶ୍ୱର, ୨୨।୩(ମହାଭାରତ): ଆସନ୍ତା ମଇ ୨୯ତାରିଖରେ ଚ଼ଳିତବର୍ଷର ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ଅନୁଷ୍ଠିତ ହେବ । ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ଦ୍ୱାରା ପରିଚ଼ାଳିତ ଏହି ପରୀକ୍ଷା ପାଇଁ ଚ଼ଳିତମାସ ୨୬ତାରିଖରୁ ଅନଲାଇନ୍ ଆବେଦନ ଆରମ୍ଭ ହେବ । ନୂତନ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଫ୍ରେସ୍ ପ୍ରାର୍ଥୀଙ୍କ ସମେତ ପୂର୍ବରୁ ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ କାର୍ଯ୍ୟରତ ଥିବା ଅଣପ୍ରଶିକ୍ଷିତ ବା ଯୋଗ୍ୟତା ହାସଲ କରିନଥିବା ଶିକ୍ଷକମାନେ ମଧ୍ୟ ଏହି ପରୀକ୍ଷା ପାଇଁ ଆବେଦନ କରିପାରିବେ ବୋଲି ଜଣାପଡିଛି । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନଲାଇନ୍ ମାଧ୍ୟମରେ କରାଯିବ । ମାର୍ଚ୍ଚ ୨୬ତାରିଖରୁ ପରିଷଦର ଅଫିସିଆଲ ପୋର୍ଟାଲ (www.bseodisha.ac.in) ଖୋଲିବ । ଏପ୍ରିଲ ୯ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜର ପଞ୍ଜିକରଣ କରିପାରିବେ । ତେବେ ଶେଷମୁହୂର୍ତ୍ତରେ ଟେକ୍ନିକାଲ ସମସ୍ୟାରୁ ବର୍ତ୍ତିବା ପାଇଁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଫର୍ମ ପୂରଣ କରିବାକୁ ବୋର୍ଡ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିରୋଧୀଙ୍କ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର, ୨୩।୩(ମହାଭାରତ); ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଅଗ୍ନିକାଂଡ ମାମଲାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରି ସୋମବାର ମଧ୍ୟ ବିରୋଧୀ ଦଳର ବିଧାୟକ ମାନେ ଗୃହରେ ହଟ୍ଟଗୋଳ କରିଛନ୍ତି । ଏହି କାରଣରୁ ବାଚସ୍ପତିଙ୍କୁ ଗୃହକୁ ବାରମ୍ବାର ସ୍ଥଗିତ କରିବାକୁ ପଡିଥିଲା । ହଟ୍ଟଗୋଳ କାରଣରୁ ପ୍ରଶ୍ନକାଳ ଚାଲି ପାରି ନ ଥିଲା । ଗୃହକୁ ସୁଚାରୂ ରୂପେ ଚଳାଇବାକୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ ।

ଆଜି ନିର୍ଧାରିତ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହିଁଥିଲେ । ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ବିଧାୟକ ମାନେ ଏସସିବି ମେଡିକାଲ କଲେଜ ଅଗ୍ନିକାଂଡ ମାମଲାରେ ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ । ସେମାନେ ଗୃହର ମଧ୍ୟ ଭାଗକୁ ଯାଇ ନାରାବାଜୀ କରିଥିଲେ । ବାଚସ୍ପତି ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ ଜାରୀ ରଖିବା ସହ ବିରୋଧୀ ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ । ହେଲେ ତାଙ୍କର ନିବେଦନର କୌଣସି ପ୍ରଭାବ ବିରୋଧୀ ବିଧାୟକ ମାନଙ୍କ ଉପରେ ପଡି ନ ଥିଲା । ତେଣୁ ବାଧ ହୋଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

ଶୂନ୍ୟକାଳରେ ବି ସମାନ ସ୍ଥିତି ଦେଖା ଦେଇଥିଲା । । ବିରୋଧୀ ବିଧାୟକ ମାନେ ପୁଣି ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ । ଗୃହ ମଧ୍ୟ ଭାଗରେ ବିରୋଧୀ ବିଜେଡ଼ି ଓ କଂଗ୍ରେସର ପ୍ରବଳ ନାରାବାଜି କରିଥିଲେ । ବିଜେଡି ଓ କଂଗ୍ରେସ ବିଧାୟକ ମାନେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ହଟ୍ଟଗୋଳ କାରଣରୁ ଗୃହ ସୁପରିଚାଳନା ସହ ଅଚଳାବସ୍ଥା ଦୂର କରିବାକୁ ବାଚସ୍ପତି ଗୃହକୁ ଗତ କାଲି ପରି ଆଜି ମଧ୍ୟ ୧୨.୩୦ ଟା ଯାଏଁ ମୁଲତବୀ ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ ।

# ଗ୍ରୀଷ୍ମ ପ୍ରବାହ ପାଇଁ ଶ୍ରମ ବିଭାଗର ନୂଆ ଗାଇଡଲାଇନ

### ପହିଲାରୁ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କ ପାଇଁ

ଭୁବନେଶ୍ୱର, ୨୩।୩(ମହାଭାରତ): ଚଳିତ ବର୍ଷ ଏପ୍ରିଲ ମାସରେ ରୌଦ୍ରତାପ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ଏଣୁ ପ୍ରଚଣ୍ଡ ଖରାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ବର୍ଷ ଏପ୍ରିଲ ମାସ ୧ ତାରିଖରୁ ଜୁନ ମାସ ୧୫ ତାରିଖ (ତା. ୧୫.୦୬.୨୦୨୬) ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧:୦୦ ଘଂଟାରୁ ଅପରାହ୍ନ ୩:୦୦ ଘଂଟା ମଧ୍ୟରେ ସୃଷ୍ଟ ପ୍ରଚଣ୍ଡ ରୌଦ୍ରତାପ ଜନିତ ଅଂଶୁଘାତରୁ ରକ୍ଷା କରିବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ବିହିତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ କମିଶନର, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଅଛି ।

ଏତଦ୍ୱାରା ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କର ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନଙ୍କର ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ଏପ୍ରିଲ ୧ ତାରିଖରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ପ୍ରତ୍ୟହ ପୂର୍ବାହ୍ନ ୧୧:୦୦ ଘଂଟାରୁ ଅପରାହ୍ନ ୩:୦୦ ଘଂଟା ପର୍ଯ୍ୟନ୍ତ କାର୍ଯ୍ୟରେ ନ ଲଗାଇବାକୁ ବିବଦ୍ଧ ବ୍ୟବସ୍ଥା ଗ୍ରହଣ କରିବେ ଓ ଆବଶ୍ୟକ ସ୍ଥଳେ କାର୍ଯ୍ୟନିର୍ଘଂଟର ସମୟ ପରିବର୍ତ୍ତନ କରିବେ ।

ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା



ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ ଯେଉଁଥିରେ କି ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ ନାହିଁ, ତେବେ ଉପରୋକ୍ତ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବେ । ଏଥିରେ ବିଶେଷ କରି ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ଏବଂ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓ.ଆର.ଏସ. ପ୍ୟାକେଟର ବ୍ୟବସ୍ଥା କରିବା ବାଧ୍ୟତାମୂଳକ ଅଟେ ।

### ରାଜ୍ୟରେ ଶିଶୁ ନିଖୋଜ ନେଇ ସାଂଘାତିକ ତଥ୍ୟ

# ବଢୁଛି ନିଖୋଜ ସଂଖ୍ୟା, କଟକରେ ବଢ଼ିଲା ହତ୍ୟାକାଣ୍ଡ ମାମଲା

- ୨୦୨୪ରେ ୬,୮୩୮ ଶିଶୁ ଓ ୨୦୨୫ରେ ୮,୨୦୬ ନିଖୋଜ
- ପୁଲିସ ୬,୦୩୬ ଜଣଙ୍କୁ ଉଦ୍ଧାର କରିବାରେ ସଫଳ
- ୩ ବର୍ଷ ମଧ୍ୟରେ ୧୮୭୮ ଗୋ ଚ଼ାଲାଣ ମାମଲା

ଭୁବନେଶ୍ୱର, ୨୩।୩(ମହାଭାରତ): ରାଜ୍ୟରେ ଆଇନ ଶୃଙ୍ଖଳା ଏବଂ ଶିଶୁ ସୁରକ୍ଷାକୁ ନେଇ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ବିଧାନସଭାରେ ଗୃହ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଦେଇଥିବା ଲିଖିତ ଉତ୍ତରରୁ ରାଜ୍ୟର ଅପରାଧିକ ଚ଼ିତ୍ର ସ୍ପଷ୍ଟ ହୋଇଛି । ବିଶେଷ କରି ଶିଶୁ ନିଖୋଜ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ କଟକ ଓ ଭୁବନେଶ୍ୱରର ହତ୍ୟାକାଣ୍ଡ ମାମଲାରେ ଭିନ୍ନ ଭିନ୍ନ ଚ଼ିତ୍ର ଦେଖିବାକୁ ମିଳିଛି । ରାଜ୍ୟରେ ଶିଶୁ ନିଖୋଜ ହେବା ଘଟଣା ଏବେ ପ୍ରଶାସନ ପାଇଁ ବଡ଼ ଚ଼୍ୟାଲେଞ୍ଜ ପାଲଟିଛି । ରିପୋର୍ଟ ଅନୁସାରେ, ୨୦୨୪ ମସିହାରେ ମୋଟ ୬,୮୩୮ ଜଣ ଶିଶୁ ନିଖୋଜ ହୋଇଥିଲେ, ଯେଉଁଥିରୁ ୫,୯୪୨ ଜଣଙ୍କୁ ଉଦ୍ଧାର କରାଯାଇଥିଲା । ସେହିଭଳି ୨୦୨୫ ମସିହାରେ ଏହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇ ୮,୨୦୬ ରେ ପହଞ୍ଚିଛି । ତେବେ ପୁଲିସ ମାତ୍ର ୬,୦୩୬ ଜଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି ।



ଅନ୍ୟପଟେ କଟକରେ ବଢୁଛି ଅପରାଧ । କଟକ ଓ ଭୁବନେଶ୍ୱର ଭଳି ଦୁଇ ପ୍ରମୁଖ ସହରରେ ହତ୍ୟାକାଣ୍ଡ ମାମଲାରେ ଏକ ବଡ଼ ପାର୍ଥକ୍ୟ ଦେଖିବାକୁ ମିଳିଛି । କଟକ ସହରରେ ଅପରାଧିକ ଗ୍ରାଫ୍ ଉପରମୁହାଁ ରହିଛି । ୨୦୨୪ରେ ୨୧ଟି ହତ୍ୟା ମାମଲା ପଞ୍ଜିକୃତ ହୋଇଥିବା ବେଳେ ୨୦୨୫ରେ ଏହା ୨୪କୁ ବୃଦ୍ଧି ପାଇଛି, ଯାହା ସ୍ଥାନୀୟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରୁଛି । ରାଜଧାନୀରେ ହତ୍ୟାକାଣ୍ଡ ସଂଖ୍ୟା କଟକ ଅପେକ୍ଷା ଅଧିକ ରହିଥିଲେ ମଧ୍ୟ ଏଥିରେ ଆଖିଦୃଶିଆ ହ୍ରାସ ଘଟିଛି । ୨୦୨୪ରେ ଭୁବନେଶ୍ୱରରେ ୪୩ଟି ହତ୍ୟାକାଣ୍ଡ ଘଟିଥିବା ବେଳେ ୨୦୨୫ରେ ଏହା ୩୩କୁ ଖସି ଆସିଛି । ଗୃହରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଏହି ପରିସଂଖ୍ୟାନ ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାର ବାସ୍ତବ ଚ଼ିତ୍ର ଦର୍ଶାଉଛି । ଶିଶୁ ସୁରକ୍ଷା ପାଇଁ ଆହୁରି କଡ଼ା ପଦକ୍ଷେପ ନେବା ସହ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରଶାସନକୁ ଅଧିକ ତତ୍ପର ହେବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଚ଼ର୍ଚ୍ଚା ହେଉଛି ।

ଗୋ ଚ଼ାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପଶ୍ଚିମବଙ୍ଗ । ଓଡ଼ିଶାରୁ ପଶ୍ଚିମବଙ୍ଗକୁ ହେଉଛି ସର୍ବାଧିକ ଗୋ ଚ଼ାଲାଣ । ଏହା ବାଦ୍ ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ, ତେଲେଙ୍ଗାନା ଓ ତାମିଲନାଡୁକୁ ଗୋ ଚ଼ାଲାଣ କରାଯାଉଛି । ବିଧାନସଭାରେ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଲିଖିତ ଉତ୍ତର ରଖିଛନ୍ତି । ରିପୋର୍ଟ ଅନୁଯାୟୀ, ଗତ ତିନି ବର୍ଷ ମଧ୍ୟରେ ୧୮୭୮ ଗୋ ଚ଼ାଲାଣ ମାମଲା ସାମ୍ନାକୁ ଆସିଛି । ଏହି ମାମଲାରେ ୨୬୯୯ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚ଼ାଲାଣ କରାଯାଇଛି । ଅପରେସନ ଗୋ ରକ୍ଷା ମାଧ୍ୟମରେ ୨୪ ହଜାର ୬୬୭ ଗୋମାତାଙ୍କୁ ଉଦ୍ଧାର କରାଯାଇଛି । ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବେଆଇନ ଗୋରୁ ଚ଼ାଲାଣ ଏକ ବଡ଼ ସମସ୍ୟା ପାଲଟିଛି । ପଶ୍ଚିମ ଓଡ଼ିଶା ଓ ମୟୂରଭଞ୍ଜ ଭଳି ସୀମାନ୍ତ ଜିଲ୍ଲାରୁ ଗୋରୁଙ୍କୁ ଟ୍ରକ ଓ ପିକଅପ ଭ୍ୟାନ ଯୋଗେ ବାହାର ରାଜ୍ୟକୁ ଚ଼ାଲାଣ କରାଯାଉଛି । ପ୍ରଭାବଶାଳୀ ଲୋକଙ୍କ ସହାୟତାରେ ଏହି ନେଟୱାର୍କ ଚ଼ାଲୁଛି । ପୁଲିସ ବାରମ୍ବାର ଚ଼ଢାଉ କରି ଗୋରୁ ଗାଡି ଜବତ କରୁଛି । ତଥାପି ରାଜ୍ୟରେ ଗୋ ଚ଼ାଲାଣ ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହି ଅବୈଧ କାରବାର ଥମିବାର ନାମ ନେଉନାହିଁ । ସୀମାଞ୍ଚଳରେ ଗୋ-ମାଫିଆମାନେ ବିଭିନ୍ନ ଉପାୟରେ ଗୋ ଚ଼ାଲାଣ କରୁଛନ୍ତି ।

# ପ୍ରସ୍ତୁତ କରନ୍ତୁ ଏଗ୍ ବୋଣ୍ଡା

ସନ୍ଧ୍ୟାରେ କିଛି ନୂଆ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । କାରଣ କର୍ମମୟ ଜୀବନ ଭିତରେ ସନ୍ଧ୍ୟାରେ ଟିକେ ସମୟ ମିଳିଥାଏ କିଛି ନୂଆ ସ୍ୱାଦ ଚାଖିବାକୁ। ଆଜି ଆମେ ଆପଣଙ୍କୁ ଅଣ୍ଡାର ଏକ ଖାସ୍ ଡିସ୍ ଜଣାଇବୁ । ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକଦମ୍ ଜବରଦସ୍ତ । ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରିବା 'ଏଗ୍ ବୋଣ୍ଡା' ।

**ଆବଶ୍ୟକୀୟ ସାମଗ୍ରୀ :** ସିଝା ଅଣ୍ଡା–୩ଟା, ଭେଜିଟେବୁଲ ତେଲ– ୧କପ୍, କଞ୍ଚା ଲଙ୍କା –୨ଟା, ବେସନ– ୧କପ୍, ଲୁଣ –ସ୍ୱାଦ ଅନୁସାରେ, ଲାଲ ଲଙ୍କା ପାଉଡର –ଅଧା ଚାମଚ, ଚାଉଳ ଗୁଣ୍ଡ– ଅଧା କପ୍, ଗୋଲମରୀଚ– ଅଧା କପ୍

**ପ୍ରସ୍ତୁତ ପ୍ରଣାଳୀ :** ଏଗ୍ ବୋଣ୍ଡା ବନାଇବା ପାଇଁ ସର୍ବପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ । ଏହାପରେ ଅଣ୍ଡାକୁ ଫୁଟାନ୍ତୁ । ଅଣ୍ଡା ସିଝିଗଲା ପରେ ଏହାର ଚୋପା ଛଡାଇ ମଝିରୁ ଦୁଇ ଖଣ୍ଡ କରିଦିଅନ୍ତୁ । ଏହାପରେ ଗୋଲମରିଚ ଗୁଣ୍ଡ, ଲାଲ ଲଙ୍କା ପାଉଡର ଏବଂ ଲୁଣ ପକାନ୍ତୁ। ଏକପାତ୍ରରେ ଚାଉଳଗୁଣ୍ଡ, ଅଟା, କଟା କଞ୍ଚା ଲଙ୍କା, ଗୋଲ ମରୀଚ ଏବଂ ଲୁଣ, ଜୁଆଣୀ ପକାଇ ଭଲ ଭାବେ ମିସାଇ ଦିଅନ୍ତୁ। ଏହାପରେ ଏଥିରେ ଅଳ୍ପ ପାଣି ପକାଇ ଏକ ପେଷ୍ଟ ବା ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ କାଟି ରଖିଥିବା ଅଣ୍ଡାକୁ ଘୋଳରେ ବୁଡାଇ ତେଲରେ ଛାଣନ୍ତୁ। ଏହାଭଲ କାଟି ହୋଇଗଲା ପରେ ବାହାରକୁ କାଢି ଦିଅନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଗଲା ଏଗ୍ ବୋଣ୍ଡା । ଆପଣ ଏହାକୁ ଟମାଟୋସସ୍ ସହିତ ଖାଇପାରିବେ ।



ଖବର

# ଓଟିଟିରେ ୱେବ ସିରିଜରେ ଓଭରଡୋଜ୍



ଚଳିତ ବର୍ଷ ଓଟିଟି ପ୍ଲାଟଫର୍ମରେ ଏକରୁ ଆରେକ ବଳି ନୂଆ ୱେବସିରିଜ୍ ଓ ଫିଲ୍ମର ଲାଇନ୍ ଲାଗିଛି। ଘରେ ବସି ମନୋରଞ୍ଜନର ସୁବିଧା ଖୋଜୁଥିବା ଦର୍ଶକଙ୍କ ପାଇଁ ଓଟିଟି ପ୍ଲାଟଫର୍ମ ଆମାଜନ୍ ପ୍ରାଇମ୍ ଭିଡିଓ ନିକଟରେ ତା'ର ରିଲିଜ୍ କ୍ୟାଲେଣ୍ଡର୍ ଜାରି କରିଛି। ଏଥିରେ ତାଲିକାରେ ରହିଛି ୩୦ଟି ନୂଆ ୱେବସିରିଜ୍ ଓ ୧୯ଟି ଫିଲ୍ମ ବ୍ୟତୀତ ଆହୁରି ଅନେକ ସୋ'। ସମୁଦାୟ ୫୫ଟି ଫିଲ୍ମ, ସିରିଜ୍ ଓ ସୋ'ର ଏହି ତାଲିକାରେ ଇଣ୍ଡିଆନ୍ ଓରିଜିନାଲ୍ କଣ୍ଟେନ୍ ସହ ଆମାଜନ୍ ଏମଜିଏମ୍ ଷ୍ଟୁଡିଓଜ୍ ଇଣ୍ଡିଆ ଥିଏଟରରେ ରିଲିଜ୍ ହେବାକୁ ଥିବା ଫିଲ୍ମଗୁଡ଼ିକର ଡିଜିଟାଲ୍ ଷ୍ଟ୍ରିମିଂ ଲାଇସେନ୍ସଡ ଫିଲ୍ମର ନାଁ ବି ରହିଛି। ଏଥିରେ 'ପଞ୍ଚାୟତ ସିଜିନ୍-୫' ଓ 'ଫର୍ଜି ସିଜିନ୍-୨'ରୁ ଆରମ୍ଭ କରି 'ଦୁପହିୟା-୨' ଓ 'ଗ୍ରାମ ଚିକିତ୍ସାଳୟ-୨' ଭଳି ଲୋକପ୍ରିୟ ସିରିଜ୍ ବି ରହିଛି। ସେହିପରି 'ମିର୍ଜାପୁର ଫିଲ୍ମ', 'ନାଗଜିଲା', 'ରାଖ୍', 'ସିଷ୍ଟମ୍' ଓ 'ସୁନ୍ଦର ପୁନମ୍' ଭଳି ଓରିଜିନାଲ୍ ଓଟିଟି ଫିଲ୍ମ ମଧ୍ୟ ରହିଛି। ଆସିବାକୁ ଥିବା ନୂଆ ଫିଲ୍ମ ଓ ସିରିଜ୍ ମଧ୍ୟରେ ନିଖିଲ୍ ଆଡଭାନିଙ୍କ 'ଦ ରିଭଲ୍ୟୁସନାରିଜ୍' ମଧ୍ୟ ରହିଛି। ଏଥିରେ ଭୁବନ ବାମ, ରୋହିତ ସରାଫ, ଓ ଗୁରଫତେହ ପିର୍ଜାଦା ନଜର ଆସିବେ। ଏହାଛଡ଼ା ବିଜୟ ବର୍ମା ଅଭିନୀତ 'ମଟକାକିଙ୍ଗ୍', ଅଲି ଫଜଲ୍ ଓ ସୋନାଲି ବେନ୍ଦ୍ରେଙ୍କ 'ରାଖ୍', ୟାମି ଗୌତମଙ୍କ 'ନୟୀ ନୱେଲି' ଓ ସାନ୍ୟା ମାଲହୋତ୍ରାଙ୍କ 'ସୁନ୍ଦର ପୁନମ୍' ଉପରେ ସମସ୍ତଙ୍କର ନଜର ରହିବ।

# ମା' ଭଗବତୀ

ଚିଲିକାରେ ନୌକା ବିହାର କଲେ ମା' ଭଗବତୀ, ଦୁର୍ଗାପୂଜା ପାଇଁ ନିମନ୍ତ୍ରଣ କରି ଆଣିଲେ ମା' କାଳିଜାଈଙ୍କ ଆଜ୍ଞାମାଳ ଚିଲିକାରେ ନୌକା ବିହାର କଲେ ମା' ଭଗବତୀ । ଓଡିଶାର ବିଭିନ୍ନ ଶକ୍ତି ପୀଠମାନଙ୍କରେ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ । ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠ ଅନ୍ୟତମ । ସେବାୟତମାନଙ୍କ ଗହଣରେ ମା' ଭଗବତୀଙ୍କ କାଠି ଠାକୁରାଣୀ ମନ୍ଦିରରୁ ବାହାରି ବାଲୁଗାଁଠାରେ ପହଞ୍ଚିଥିଲେ । ଏହାପରେ ପାଟଣାସାହି, ଗୁଣ୍ଡୁରୁପୁର ଓ ସାନ୍ତରାପୁର ପରିକ୍ରମା କରି ଚିଲିକା ହ୍ରଦ ମଧ୍ୟରେ ଅବସ୍ଥିତ ପୂର୍ବ ଦିଗରେ ଥିବା ସାନ ଭଉଣୀ ମା' କାଳିଜାଈଙ୍କୁ ପବିତ୍ର ଶାରଦୀୟ ପାର୍ବଣ ଲାଗି ନିମନ୍ତ୍ରଣ କରିବା ପାଇଁ ନୌକା ବିହାର କରିଛନ୍ତି । ନୌକା ବିହାର କରି ମା' କାଳିଜାଈଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ



ଶାରଦୀୟ ଦୁର୍ଗାପୂଜା ପାଇଁ ନିମନ୍ତ୍ରଣ କରି ଚିଲିକା ହ୍ରଦ ମଧ୍ୟରୁ ମା' କାଳିଜାଈଙ୍କର ଆଜ୍ଞାମାଳ ନେଇ ଫେରିଥିଲେ ମା' ଭଗବତୀ । ଏହାପରେ ବିଳମ୍ବିତ ରାତ୍ରିରେ ବାଲୁଗାଁ ସ୍ଥିତ ସାନ୍ତରାପୁର ସାହିର ପାରମ୍ପରିକ ସାମନ୍ତରା ଦ୍ୱାରରେ ମା' ଭଗବତୀଙ୍କ କାଠି ଠାକୁରାଣୀ ପ୍ରଥମେ ପରମ୍ପରା ଅନୁଯାୟୀ ଶଙ୍କୁଡ଼ି ଭୋଗ ଖାଇଥିଲେ । ପରେ ଗୁଣ୍ଡୁରୁପୁର ସାହି, ପାଟଣା ସାହିରେ ଭୋଗ ଖାଇ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଉତ୍ସବକୁ ପାଣିତୋଳା ଉତ୍ସବ ବୋଲି କୁହାଯାଏ । ଉତ୍କଳର ପ୍ରାଚୀନ ଶକ୍ତିପୀଠମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ବାଣପୁରର ମାଆ ଭଗବତୀଙ୍କ ପୀଠ ଅନ୍ୟତମ । ଇତିହାସ ଅନୁସାରେ ଶାଳିଆ ନଦୀ କୂଳ ଘଞ୍ଚ ବେତ ଜଙ୍ଗଲରେ ମାଆ ଆବିର୍ଭୂତ । କାଠି ଭଗବତୀ ମାଆଙ୍କର ଅନ୍ୟ ଏକ ପ୍ରତିମା । ଯେଉଁଥିପାଇଁ ମା'ଙ୍କର ଖୁବ ମାନ୍ୟତା ରହିଛି । ଅନ୍ୟପଟେ ମା' ଭଗବତୀଙ୍କ ଏହି ନୌକାବିହାର ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

# ଶ୍ରୀଗଣେଶ ଓ ବ୍ୟାସଦେବ

ବ୍ୟାସଦେବ ଗଣେଶଙ୍କୁ କହିଲେ,'ହେ ବିନାୟକ ! ସମସ୍ତ ସଂସାରର କଲ୍ୟାଣ ପାଇଁ ମୁଁ ଏକ ଗ୍ରନ୍ଥର ପରିକଳ୍ପନା କରିଛି। ଏ ଗ୍ରନ୍ଥ ମୋ ଚିନ୍ତା ପ୍ରସୂତ ହୋଇଥିଲେ ସୁଦ୍ଧା ଏହାର ବିଶାଳତା ଦୃଷ୍ଟିରୁ ମୁଁ ଏହାକୁ ଲେଖିବାକୁ ସମର୍ଥ ହୋଇ ପାରୁ ନାହିଁ। ସେଥିପାଇଁ ମୁଁ ବଡ଼ ଚିନ୍ତିତ। ଆପଣଙ୍କୁ ଏଥିପାଇଁ ପ୍ରାର୍ଥନା କଲି ଯେହେତୁ ଆପଣ ଏ କାର୍ଯ୍ୟ ପାଇଁ ସମର୍ଥ। ମୋତେ ଏ ଘୋର ସଙ୍କଟରୁ ଆପଣ ହିଁ ଉଦ୍ଧାର କରି ପାରିବେ। ମୁଁ ଶ୍ଳୋକ ମାନ ରଚନା କରି ବୋଲିଯିବି ଆପଣ ଏହାକୁ ଲେଖିଚାଲିବେ। ଆପଣ ତ ବିଦ୍ୟାର ବାରିଧି ଆପଣଙ୍କୁ ମୁଁ ଆଉ ଅଧିକା କ'ଣ କହିବି। ଶ୍ରୀଗଣେଶଙ୍କର ମହର୍ଷି ବ୍ୟାସଦେବଙ୍କ ପ୍ରତି ବହୁ ସମ୍ମାନ ଥିଲା। ତାଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ସେ ଚାହୁଁଥିଲେ। କିନ୍ତୁ ମହାଭାରତ ଲେଖିବାପାଇଁ ସେ କାହିଁକି ଟିକିଏ ଅଡୁଆ ବୋଧ କରୁଥିଲେ। ତେଣୁ ସେ ଚିନ୍ତାକଲେ ମୁଁ ଯାଉଛି ଏପରି ଗୋଟିଏ ସର୍ତ୍ତ ରଖିଦେବି ଯେମିତି କି ବେଦବ୍ୟାସ ଅଡୁଆରେ ପଡ଼ିଯିବେ। ଶ୍ରୀ ଗଣେଶ ବ୍ୟାସଦେବଙ୍କୁ କହିଲେ,'ଠିକଅଛି ମହର୍ଷି,ମୋର ତୁମର ମହାଭାରତ ଲେଖିବାରେ କୌଣସି ଆପତ୍ତି ନାହିଁ। କିନ୍ତୁ ଗୋଟିଏ ସର୍ତ୍ତରେ ଏହାକୁ ମୁଁ ଲେଖିବି ଆପଣ ଅନର୍ଗଳ ଡାକିବେ ଯେମିତି ମୋର ଲେଖନୀ ମୁହୂର୍ତ୍ତ ମାତ୍ରେ ବନ୍ଦ ହେବ ନାହିଁ। ଲେଖିଲା ବେଳେ ଯଦି ଲେଖନୀ ମୋର ବନ୍ଦହୋଇଯାଏ ତେବେ ମୁଁ ଆଉ ଆଗକୁ ଯାଇ ପାରିବି ନାହିଁ '। ପରମ ଜ୍ଞାନୀ ବ୍ୟାସଦେବ ଗଣେଶଙ୍କ କଥା ଶୁଣି ହସି ହସି କହିଲେ,'ଠିକ ଅଛି ମୁଁ ଆପଣଙ୍କ ସର୍ତ୍ତରେ ରାଜି। କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି। ଆପଣ ଲେଖିବା ବେଳେ ନବୁଝି କିଛି ଲେଖିବେ ନାହିଁ '। ଗଣେଶ ବ୍ୟାସ ଦେବଙ୍କ ସର୍ତ୍ତକୁ ମାନି ନେଲେ। ଏହାପରେ ମହାଭାରତ ଲେଖା ଚାଲିଲା। ବ୍ୟାସ ଡାକିଚାଲିଲେ ଓ ଗଣେଶ ଲେଖିଚାଲିଲେ। କିନ୍ତୁ ବ୍ୟାସ ମଝିରେ ମଝିରେ ଏପରି କଷ୍ଟ ଶ୍ଳୋକଟିଏ ଡାକିଦିଅନ୍ତି ଯେ ଗଣେଶଙ୍କୁ ତାହାର ଅର୍ଥ ବୁଝିବା ପାଇଁ କିଛି ସମୟ ଲାଗି ଯାଏ। ଏହି ସମୟରେ ବ୍ୟାସ ପର ଶ୍ଳୋକଗୁଡ଼ିକୁ ଚିନ୍ତା କରିନିଅନ୍ତି। ଏଣୁ ମହାଭାରତରେ ଏଭଳି କେତେକ ଶ୍ଳୋକ ରହିଛି ଯାହାର ଅର୍ଥ ବାହାର କରିବା ଖୁବ କଠିନ। ଏହି ଶ୍ଳୋକ ଗୁଡ଼ିକୁ ଗ୍ରନ୍ଥଗଣ୍ଠି କୁହାଯାଇ ଥାଏ। ଅର୍ଥାତ୍ ଏସବୁ ଗ୍ରନ୍ଥର ଗଣ୍ଠି। ମହାଭାରତ ଲେଖା ସରିବା ପରେ ବ୍ୟାସଦେବ ପୁତ୍ର ମହାମୁନୀ ଶୁକଙ୍କୁ ଏହା ଜଣାଇଲେ। ଶୁକଦେବ ଏ ଶାସ୍ତ୍ରକୁ ଗନ୍ଧର୍ବମାନଙ୍କୁ ଶୁଣାଇଲେ। ମନୁଷ୍ୟମାନଙ୍କ ମଧ୍ୟରେ ଏ ଗ୍ରନ୍ଥର ପ୍ରଚାର ପାଇଁ ମହର୍ଷି ବ୍ୟାସ



ତାଙ୍କର ପ୍ରଧାନ ଶିଷ୍ୟ ବୈଶମ୍ପାୟନଙ୍କୁ ଏହା ଶୁଣାଇ କହିଲେ,' ତୁମେ ଯାଇ ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ଏହାର ପ୍ରଚାର କର '। ମୁନି ବୈଶମ୍ପାୟନ ପରିକ୍ଷୀତଙ୍କ ପୁତ୍ର ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ପହଞ୍ଚି ତାଙ୍କୁ ଏ ପବିତ୍ର କଥା ଶୁଣାଇଲେ । ସେତେବେଳେ ସେଠି ଉପସ୍ଥିତ ଥାନ୍ତି ଉପଶ୍ରବା ନାମରେ ଜଣେ ବିଦ୍ୱାନ ଋଷି । ସେ ମହାଭାରତ ଶୁଣି ତାଙ୍କର ଅସାଧାରଣ ସ୍ମୃତିଶକ୍ତି ବଳରେ ଏହାକୁ ମନେ ରଖିପାରିଥିଲେ। ଋଷି ଉପଶ୍ରବା ସାରଥୀକୂଳର ଥିବାରୁ ତାଙ୍କୁ ସୁତ ବା ସୌତି ବୋଲି କୁହାଯାଉ ଥିଲା। ମହାଭାରତ ମୁଖ୍ୟ ଭାବେ କୌରବ ପାଣ୍ଡବଙ୍କ ବିଷୟରେ ଲେଖା ଯାଇଛି । କିନ୍ତୁ ଏହା ବହୁ ଆଖ୍ୟାୟିକାର ପରିପୂର୍ଣ୍ଣ। ଏଣୁ ଗ୍ରନ୍ଥମାନଙ୍କ ମଧ୍ୟରେ ମହାଭାରତର କୌଣସି ତୁଳନା ନାହିଁ।

# ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର



ଆମେ ସମସ୍ତେ ଜାଣୁ ବେଲ ପତ୍ର ଭଗବାନ ଶିବଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଏବଂ ଶିବଲିଙ୍ଗ ଉପରେ ବେଲ ପତ୍ର ନ ଚଢ଼ାଇବା ପର୍ଯ୍ୟନ୍ତ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ । ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ଭୋଗ ନୈବେଦ୍ୟ ନୁହେଁ ବରଂ ଏକ ପାଣି ଢାଳ ଏବଂ କିଛି ବେଲ ପତ୍ର ହିଁ ଯଥେଷ୍ଟ । କିନ୍ତୁ ଜାଣନ୍ତି କି ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ବିଷ ବାହାରିଥିଲା ସେତେବେଳେ ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଏହି ବିଷପାନ କରିଥିଲେ । ବିଷର ପ୍ରଭାବରେ ତାଙ୍କ କଣ୍ଠ ନୀଳ ହୋଇଗଲା ଏବଂ ତାଙ୍କ ସମଗ୍ର ଶରୀର ଅତ୍ୟନ୍ତ ଗରମ ହୋଇଗଲା। ଯାହାଫଳରେ ଆଖପାଖର ପରିବେଶ ମଧ୍ୟ ଗରମ ହେବାକୁ ଲାଗିଲା । ବିଶ୍ୱାସ ଅନୁଯାୟୀ ବେଲପତ୍ର ବିଷର ପ୍ରଭାବକୁ ହ୍ରାସ କରିଥାଏ । ଯେଉଁଥିପାଇଁ ସମସ୍ତ ଦେବୀ ଏବଂ ଦେବତା ଭଗବାନ ଶିବଙ୍କୁ ବେଲପତ୍ର ଖାଇବାକୁ ଦେଇଥିଲେ । ବେଲପତ୍ର ସହିତ, ଶିବଙ୍କୁ ଥଣ୍ଡା ରଖିବା ପାଇଁ ଜଳ ମଧ୍ୟ ଅର୍ପଣ କରାଯାଇଥିଲା । ବେଲପତ୍ର ଏବଂ ଜଳର ପ୍ରଭାବ ଯୋଗୁଁ ମହାଦେବଙ୍କ ଶରୀରରେ ସୃଷ୍ଟି ହୋଇଥିବା ଉତ୍ତାପ ଥଣ୍ଡା ହେବାକୁ ଲାଗିଲା । ସେବେଠାରୁ ଭଗବାନ ଶିବଙ୍କୁ ଜଳ ଏବଂ ବେଲପତ୍ର ଅର୍ପଣ କରିବାର ପ୍ରଥା ଆରମ୍ଭ ହେଲା ।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ମମତାଙ୍କ ଗୁଣ୍ଡାଗିରି

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡ଼ି କାର୍ଯ୍ୟାଳୟରେ ପଶି ସମସ୍ତ ପ୍ରମାଣ ଯୋରଜବରଦସ୍ତ ଅପହରଣ କରି ଆଣିଲେ। ଇଡି ଅଧିକାରୀମାନେ କିଛି କରିପାରିଲେ ନାହିଁ। ଭାରତ ଇତହାସରେ ଏହା ଥିଲା ଏକ ଅଭୂତପୂର୍ବ ଘଟଣା ଯାହା ଅନେକ ଅସମାହିତ ପଶ୍ନ ଉତଥାପନ କରିଛି। ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟରେ ହସ୍ତକ୍ଷେପ କରିବା ଏବଂ ନିଜେ ମୁଖ୍ୟମନ୍ତ୍ରୀ ଗୁଣ୍ଡାସାଜି ତଦନ୍ତରେ ପ୍ରତିବନ୍ଧକ ସୃଷ୍ଟି କରିବା, ତଦନ୍ତକାରୀ ଅଧିକାରୀଙ୍କୁ ଧମକ ଚମକ ଦେଇ ସେମାନଙ୍କ କବଜାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଛଡ଼ାଇ ଆଣିବା ନିଶ୍ଚତତ ଭାବେ ଚିନ୍ତାଜନକ ଏବଂ ଗର୍ହିତ କାର୍ଯ୍ୟ। ଏହା ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଛି। ଏହି ଘଟଣା ପରେ ମମତାଙ୍କୁ ଗିରଫ କରାଯିବାର ଥିଲା। ଜଣେ ଆଇନ ବିରୁଦ୍ଧ କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀ ଅଛନ୍ତି ବୋଲି ଖସିଯିବା ଗ୍ରହଣୀୟ ନୁହେଁ। ଏହି ମାମଲା ଏବେ କୋର୍ଟକୁ ଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏଭଳି ଏକ ସଙ୍ଗୀନ ଘଟଣାକୁ ଅନେକ ଦିନ ବିତିଗଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ଯଦି ମମତା କିଛି ଭୁଲ କରି ନାହାଁନ୍ତି, ତେବେ କୋର୍ଟ ମାମଲାକୁ ଖାରଜ କରନ୍ତୁ। ନଚେତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କିନ୍ତୁ ଦୀର୍ଘ ଦିନ ହେବ କୋର୍ଟ ଏହାକୁ ଚାପି ରଖିବା ଆମ ନ୍ୟାୟିକ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି। ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ ନ୍ୟାୟ। କୋଲକାତାରେ ଇଡିକୁ ତଦନ୍ତରେ ବାଧା ଦେବା ଏକ ଜଘନ୍ୟ ଅପରାଧ। ଅବଶ୍ୟ ମମତା ଏହି ଚଢ଼ାଉକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଆସୁଛନ୍ତି। ତାଙ୍କ କଥାକୁ ବି ଅସ୍ୱୀକାର କରାଯାଇପାରିବନି। କିନ୍ତୁ ଏହାର ଫଇସଲା କିଏ କରିବ ? ମାମଲା ସୁପ୍ରିମକୋର୍ଟରେ ରହିଛି। ଯଦି ସୁପ୍ରିମକୋର୍ଟ ଏହାର ସମାଧାନ ନକରିପାରିବ ତେବେ ଆମେ କେତେ ଅସହାୟ ତାହା ପ୍ରମାଣିତ ହୋଇଯିବ। ଯଦି ସାଧାରଣ ଲୋକଟିଏ ଭଳି କିଛି କାମ କରିଥାଆନ୍ତା ତେବେ ସେ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଜେଲରେ ବିନା ଜାମିନରେ ସଢୁଥାଆନ୍ତା। କିନ୍ତୁ ମମତା ବାନାର୍ଜୀ ଆଇନର ଉର୍ଦ୍ଧ୍ୱରେ। ତାଙ୍କୁ ସମ୍ଭବତଃ କୋର୍ଟ ଭୟ କରୁଥାଇପାରନ୍ତି। ଗତ ବର୍ଷ ଦିଲ୍ଲୀ ହାଇକୋର୍ଟର ଜଣେ ବିଚାରପତିଙ୍କପ ଘରୁ ବିପୁଳ ପରିମାଣର ୫ ଶହ ଟଙ୍କିଆ ନୋଟ ମିଳିଲା। ଏହା ବିଚାରପତିଙ୍କ ଘରକୁ କିପରି ଆସିଲା, ସେ ଏହାକୁ କିପରି ଉପାର୍ଜନ କଲେ ତାହାର ଉତ୍ତର ନାହିଁ। ସମ୍ପୃକ୍ତ ବିଚାରପତି ଜଣକ ଆହ୍ଲାବାଦ ହାଇକୋର୍ଟକୁ ବଦଳି ହୋଇଚନ୍ତି। ବିନା କାମରେ ବେଶ ମୋଟା ଅଙ୍କାର ଦରମା ନେଇ ଅୟସ କରୁଛନ୍ତି। ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କ ପାଇଁ ଏହା ସମ୍ଭବ କି ? ଜଣେ କିରାଣୀ ଗୋଟିଏ ୫ ଶହ ଟଙ୍କିଆ ନୋଟ ଲାଞ୍ଚ ନେଲେ ତାଙ୍କୁ ତତ୍କାଳ ଗିରଫ କରଯିବ, ଚାକିରୀରୁ ସସପେଣ୍ଡ ହେବେ। ଅଥଚ ଜଣେ ହାଇକୋର୍ଟ ବିଚାରପତି ଦୋଷ କରି ବିନା କାମରେ ବସି ବସି ମୋଟା ଅଙ୍କର ଦରମା ନେବା କେତେଦୂର ଗ୍ରହଣୀୟ ? ଏହାକୁ ସାଧାରଣ ଜନତା ବିଚାର କରିବା ଉଚିତ। କାରଣ ସେ ଲୋକଙ୍କ ଟିକସ ଅର୍ଥରୁ ଦରମା ନେଉଛନ୍ତି। ସୁପ୍ରିମକୋର୍ଟ ଏହାକୁ ବିଚାର କରିପାରିବେ ନାହିଁ। ମମତାଙ୍କ ଗୁଣ୍ଡାଗିରି ମାମଲାରେ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରି ଏହାର ପ୍ରତିକାର ବ୍ୟବସ୍ଥା କ'ଣ ବୋଲି ପ୍ରଶ୍ନ କରିଛନ୍ତି। ଯଦି ଆଗକୁ ଏଭଳି ଅନ୍ୟ ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଆଚରଣ ପ୍ରଦର୍ଶନ କରନ୍ତି ତେବେ ଏହାର ପରିଣାମ କ'ଣ ହେବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏହି ପ୍ରଶ୍ନ ସାଧାରଣ ଜନତା ସୁପ୍ରିମକୋର୍ଟଙ୍କୁ ପଚାରିବା ଉଚିତ। ଏହି ମାମଲାରେ ସାମ୍ବିଧାନିକ ବିଧିବ୍ୟବସ୍ଥାର ତର୍ଜମା ଦାୟିତ୍ୱ ସୁପ୍ରିମକୋର୍ଟଙ୍କର। ଏହି ମାମଲାର ଫଇସଲା ଯୁଦ୍ଧକାଳୀନ ଭିତ୍ତିରେ ହେବା ଉଚିତ।

# ଗରିବଙ୍କ ସଂଖ୍ୟାକୁ ନେଇ ବିରୋଧାଭାଷ

॥ ଗୋପାଳ ମହାପାତ୍ର ॥

> *ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ ।*

ଆମ ଦେଶର ଅର୍ଥବ୍ୟବସ୍ଥା ଦୃତଗତିରେ ବଢୁଛି । ଦେଶ ସବୁ କ୍ଷେତ୍ରରେ ନୂଆ ନୂଆ ଉପଲବ୍ଧି ହାସଲ କରୁଛି । କିନ୍ତୁ ସବୁ ପରେ ମଧ ଦେଶରୁ ଦାରିଦ୍ର୍ୟ ହଟାଇବା ଦିଗରେ କୌଣସି ଠୋସ୍ ଫର୍ମୁଲା ଆମ ପାଖରେ ନାହିଁ । ବିଗତ ୭୫ବର୍ଷ ମଧ୍ୟରେ ଅନେକ ଦଳ ଦେଶର ଶାସନ ଗାଦିରେ ବସିଛନ୍ତି । ସମସ୍ତେ ଦାରିଦ୍ର୍ୟ ଦୂରୀକରଣ କଥା କହିଛନ୍ତି । ଅବସ୍ଥା କିଛି ମାତ୍ରାରେ ସୁଧୁରିଥିଲେ ମଧ ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରମୁଖ ସମସ୍ୟା ଭାବେ ରହିଛି । ଅନେକ ସମୟରେ ଚର୍ଚ୍ଚା ହୁଏ ଯେ ଦେଶରୁ ଦାରିଦ୍ର୍ୟ ହଟିଛି ନା ବଢ଼ିଛି ? ଏ ପ୍ରସଙ୍ଗକୁ ନେଇ ଅନେକ ତର୍ଜମା ମଧ କରାଯାଉଛି, କିନ୍ତୁ ଦେଶର ଜନସାଧାରଣ ମଧ ପ୍ରକୃତ କଥା ଜାଣିବା ଉଚିତ୍ ଯେ ଦେଶରୁ ଦାରିଦ୍ର୍ୟକମିଛି ନା ବଢ଼ିଛି ଓ ଯଦି କମିଛି କେତେ କମିଛି ? କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ରାଜସ୍ଥାନର ଆଜମିର ଠାରେ ଏକ ଜନସମାବେଶରେ କହିଥିଲେ ଯେ ଦେଶରୁ ଅତି ଗରୀବଙ୍କ ସଂଖ୍ୟା କମିଛି । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଏହି କଥାକୁ ବିରୋଧି ଦଳ ରାଜନୈତିକ ଭାଷଣର ଆଖ୍ୟା ଦେଇଛନ୍ତି । କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ ସାର୍ବଜନୀନ ଭାବେ (ସାଧାରଣ ସଭାରେ) ଏକଥା କହିଛନ୍ତି ସେତେବେଳେ ତାଙ୍କ କଥାର ଆଧାର/ସତ୍ୟତା ନିଶ୍ଚୟ ଥିବ । ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ନିର୍ବାଚନ ଜିଣିଥିଲେ । ତା ପରଠାରୁ ଯିଏ ସରକାରକୁ ଆସିଛନ୍ତି ସେଇ ଏକକଥା କହିଛନ୍ତି ।

ତଥ୍ୟ ଅନୁସାରେ ୧୯୫୬-୫୭ରେ ଦେଶରେ ୨୧.୫ କୋଟି ଅର୍ଥାତ୍ ଦେଶର ସମୁଦାୟ ଜନସଂଖ୍ୟାର ପାଖାପାଖି ୮୦ ପ୍ରତିଶତ ଗରୀବ ଥିଲେ । ୧୯୭୩-୭୪ରେ ୫୫ ପ୍ରତିଶତ ଲୋକ ଗରୀବ ବା ଦାରିଦ୍ର୍ୟ ସୀମାରଖା ତଳେ ଥିଲେ । ୧୯୮୩ରେ ଏହି ସଂଖ୍ୟା ୪୫ ପ୍ରତିଶତକୁ ଖସିଆସିଥିଲା । ୧୯୯୯-୨୦୦୦ରେ ସଂଖ୍ୟା ପୁଣି କମି ୨୨ ପ୍ରତିଶତରେ ପହଞ୍ଚିଥିଲା । ୨୦୧୧-୧୨ରେ ୨୧.୯ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦାରିଦ୍ର୍ୟ ସୀମାରେଖା ବାବଦରେ ଏହି ତଥ୍ୟ ଶେଷଥର ପାଇଁ ୨୦୧୧-୧୨ରେ ଜାରି କରାଯାଇଥିଲା । ଅର୍ଥାତ୍ ୨୦୧୧-୧୨ପରେ ଏ ବାବଦରେ ସରକାରୀ ସ୍ତରରେ କୌଣସି ତଥ୍ୟଜାରି କରାଯାଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଆଜମିର ସମାବେଶର ଭାଷଣକୁ ବିରୋଧି ବିରୋଧ କରିବାର କାରଣ ରହିଛି । କାରଣ ହେଉଛି ଏବେ ବି ପାଖାପାଖି ୨୨କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କୁହାଯାଉଛି । ଭାରତ ସରକାର ପ୍ରକୃତ ତଥ୍ୟ ପ୍ରଦାନ କରୁନାହାଁନ୍ତି ଓ ତଥ୍ୟକୁ ଚପାଇଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏବେ ଏ ପ୍ରସଙ୍ଗରେ ସରକାରୀ ସ୍ତରରେ ସର୍ବେକ୍ଷଣ ଚାଲିଛି ଓ ୨୦୨୪ ପର୍ଯ୍ୟନ୍ତ ଚାଲିବ । କିଛି ତଥ୍ୟ ପ୍ରକାଶ ପାଇବ ନିଶ୍ଚୟ । କିନ୍ତୁ ଏ ବାବଦରେ ତଥ୍ୟ ପ୍ରକାଶ ପାଇବା ପୂର୍ବରୁ ସାଧାରଣ ଲୋକସଭା ନିର୍ବାଚନ ସରିଯାଇଥିବ ଏବଂ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବ ।

ଭାରତର ଗରୀବ ଲୋକଙ୍କ ସଂଖ୍ୟା ବାବଦରେ ଅନେକ ସଂସ୍ଥା ରିପୋର୍ଟ ଜାରି କରିଛନ୍ତି । କିନ୍ତୁ ରିପୋର୍ଟର ସଂଖ୍ୟାଠାରୁ ଗରୀବ ଲୋକଙ୍କ ସଂଖ୍ୟା ଅଧିକ ହେବ ବୋଲି ଅନେକ ବିଶେଷଜ୍ଞଙ୍କ ମତ । କାରଣ କୋରୋନା ମହାମାରୀ ପରେ ଦେଶର ୫.୬୦କୋଟି ଲୋକଙ୍କ ସ୍ଥିତି ଖରାପ ହୋଇଯାଇଛି ଓ ଏମାନେ ଦାରିଦ୍ର୍ୟ ସୀମା ରେଖା ତଳକୁ ଚାଲିଯାଇଛନ୍ତି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଗତ ୧୫ ବର୍ଷ ମଧ୍ୟରେ ୪୧.୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠି ଆସିଛନ୍ତି । ଜାତିସଂଘ ପକ୍ଷରୁ ଏଇ କିଛିଦିନ ତଳେ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ ୨୦୦୫-୦୬ରୁ ୨୦୧୯-୨୦ ମଧ୍ୟରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଭାରତରେ ଐତିହାସିକ ପରିବର୍ତ୍ତନ ଘଟିଛି ଓ ଗରୀବଙ୍କ ସଂଖ୍ୟା ୪୧.୫କୋଟି କମିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତର ୨୦୨୦ର ଜନସଂଖ୍ୟା ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଓ ଭାରତରେ ୨୨.୮ କୋଟି ଗରୀବ ଲୋକ ଅଛନ୍ତି । ଭାରତ ପରେ ରହିଛି ନାଇଜେରିଆ । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତର ବିକାଶ ସତ୍ତ୍ୱେ ଭାରତର ଲୋକେ କୋରୋନା ମହାମାରୀର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଖାଦ୍ୟାନ୍ନର ଅଭାବ, ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଭାରତରେ ପୋଷଣ ଏବଂ ଶକ୍ତି ସମସ୍ୟା ରହିଛି ଓ ଏ ବାବଦରେ ଭାରତ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ।

ଭାରତରେ ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ବରାବର ବିମର୍ଷ ଚାଲିଛି । ଗତ ବର୍ଷ ବିଶ୍ୱବ୍ୟାଙ୍କ ପକ୍ଷରୁ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଥିଲା । ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁସାରେ ଭାରତରେ ୨୦୧୧ରେ ୨୨.୫ ପ୍ରତିଶତ ଗରୀବ ଥିଲେ କିନ୍ତୁ ୨୦୧୯ରେ ଏମାନଙ୍କ ସଂଖ୍ୟା କମିଗଲା ଓ ୧୦.୨ ପ୍ରତିଶତରେ ପହଞ୍ଚିଲା । ବିଶ୍ୱ ବ୍ୟାଙ୍କ ତଥ୍ୟଓ ଆଇଏମ୍ଏଫ୍ (ଆନ୍ତଜାତୀୟ ମୁଦ୍ରା ପାଣ୍ଠି)ର ରିପୋର୍ଟ ମଧ୍ୟରେ ତାଳମେଳ ନାହିଁ । ଆମେରିକାର ଅର୍ଥନୀତି ବିଶେଷଜ୍ଞ ନୋହ ସ୍ମିଥଙ୍କ ଅନୁସାରେ ବିଗତ ୬ବର୍ଷ ମଧ୍ୟରେ ଭାରତର ଗରୀବ ଲୋକଙ୍କ ସଂଖ୍ୟା କମି ଦେଢ଼କୋଟିରେ ପହଞ୍ଚିଛି । ଗତ ବର୍ଷ ଲୋକସଭାରେ କେନ୍ଦ୍ର ସରକାର ଗରୀବ ଲୋକଙ୍କ ସଂଖ୍ୟାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏ ସମ୍ପର୍କୀତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗ୍ରାମ୍ୟବିକାଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା ଯେ ଦେଶର ୨୨ ପ୍ରତିଶତ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଲୋକସଭାରେ ଗ୍ରାମ୍ୟ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ତର୍ଜମା କଲେ ସ୍ପଷ୍ଟ ଯେ ଦେଶ ସ୍ୱାଧିନ ହେବା ବେଳେ ୨୫କୋଟି ଗରୀବ ଥିଲେ । ଏବେ ୨୬.୯ କୋଟି ଗରୀବ ଅଛନ୍ତି । ଦେଶରେ ୪୩ କୋଟି ଶ୍ରମିକ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକଙ୍କୁ ନିୟମିତ କାମ ମିଳୁନାହିଁ । ଦେଶର ଜନସଂଖ୍ୟା ୧୪୨କୋଟିରୁ ଅଧିକ ହେଲାଣି । ଏମାନଙ୍କୁ ମଧ୍ୟରୁ ପାଖାପାଖି ୪୧ କୋଟି ଲୋକ ଚାକିରୀ କରିଛନ୍ତି ବୋଲି ତଥ୍ୟ ରହିଛି ହେଲେ ଏହି ସଂଖ୍ୟା ପ୍ରତିବର୍ଷ କମିବାରେ ଲାଗିଛି । ଦେଶର ବେରୋଜଗାରୀ ହାର ୮ ପ୍ରତିଶତ ପାର କରିଗଲାଣି । ଏସବୁ ରିପୋର୍ଟରେ ପୂର୍ବାଗ୍ରହ ଥାଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧକ୍ଷ ବିବେକ ଦେବରାୟଙ୍କ ମତରେ ଦେଶର ୧୮ ପ୍ରତିଶତ ଲୋକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପ୍ରଶ୍ନ ହେଉଛି ଏସବୁ ତଥ୍ୟ ପରେ ପ୍ରତିବର୍ଷ ବିପିଏଲ୍ ତାଲିକା ଲମ୍ବିବାରେ ଲାଗିଛି କାହିଁକି ? କେନ୍ଦ୍ର ସରକାର ଦେଶର ପାଖାପାଖି ୮୦କୋଟି ଲୋକଙ୍କୁ ମାଗଣା ଚାଉଳ/ଗହମ ଦେଉଛନ୍ତି କାହିଁକି ?

ଏଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ ତର୍ଜମା କଲେ 'ଅତି ଗରୀବଙ୍କ ସଂଖ୍ୟା କମିଛି ଓ ଏହାର ଦୂରୀକରଣ ଖୁବ୍ ଶୀଘ୍ର' କଥାକୁ ନେଇ ଅନେକ ପ୍ରଶ୍ନ ଉଠେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଅତି ଗରୀବଙ୍କ ସଂଖ୍ୟା କେମିତି କମିବ ସେ ବାବଦରେ ମଧ କିଛି କହିନଥିଲେ । ଦେଶରେ ଧନକୁବେରଙ୍କ ସଂଖ୍ୟା ୧୬୦ରୁ ଅଧିକ ହେଲାଣି କିନ୍ତୁ ଦେଶର ୫୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତାର ଶୀକାର । ୬ରୁ ୨୩ ମାସର ମାତ୍ର ୧୧ ପ୍ରତିଶତ ଶିଶୁଙ୍କୁ ପୁରାମାତ୍ରାରେ ଖାଦ୍ୟ ମିଳୁଥିବା ବେଳେ ଅନ୍ୟମାନେ କୁପୋଷଣର ଶୀକାର । ୩୫ ପ୍ରତିଶତଙ୍କୁ ନିୟମିତ କାମ ମିଳୁଛି । ଅନ୍ୟମାନେ ଅଣ ସଂଗଠିତ ଶ୍ରମିକ । ମନରେଗା ଯୋଜନାରେ ମଧ ଏମାନଙ୍କୁ ନିୟମିତ କାମ ମିଳୁନାହିଁ । ଏସବୁ ବିରୋଧାଭାଷ ଥିବା ବେଳେ ଗରୀବଙ୍କ ସଂଖ୍ୟା କମିଛି ବୋଲି ଦିଆଯାଉଥିବା ତଥ୍ୟ (ରିପୋର୍ଟ) ଉପରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ । ସୁଖଦ କଥା ହେଉଛି ୨୦୨୨-୨୩ରେ ଭାରତର ଆର୍ଥୀକ ବିକାଶ ହାର ୭.୨ ପ୍ରତିଶତ ରହିଛି, ବିଶ୍ୱସ୍ତରରେ ଏହା ହେଉଛି ସର୍ବାଧିକ ଏବଂ ଦୃତ ବିକାଶ ହାର । ଫ୍ରାନ୍ସ, ବ୍ରିଟେନ ଏବଂ ଜର୍ମାନୀ ୧ ପ୍ରତିଶତରେ ରହିଛି ଏପରିକି ଚୀନର ବିକାଶ ହାର ଠାରୁ ଭାରତର ବିକାଶ ହାର ଦେଢ଼ଗୁଣା ହୋଇଛି । କୃଷିର ବିକାଶ ହାର ବଢ଼ିଛି । ଦେଶର ଉଦ୍ୟାଗ କ୍ଷେତ୍ର ମଧ ବିକାଶ କରିଛି । କିନ୍ତୁ ପ୍ରଶ୍ନ ଉଠୁଛି ଯେ ବିକାଶ ଏବଂ ଅର୍ଥବ୍ୟବସ୍ଥାର ବିସ୍ତାରର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁନାହିଁ କାହିଁକି ? ଯଦି ଏହାର ଲାଭ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଥାନ୍ତା ତେବେ ଦେଶରୁ ଗରୀବ ଲୋକଙ୍କ ସଂଖ୍ୟା କମିଥାନ୍ତା ନିଶ୍ଚୟ । ପ୍ରଧାନମନ୍ତ୍ରୀ ସାର୍ବଜନୀକ ମଞ୍ଚରେ ଯାହା କହିଲେ ତାର ଠୋସ୍ ଆଧାର ଥିବ ନିଶ୍ଚୟ । ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି । ଏଣୁ ଆଶା କରାଯାଇପାରେ ଯେ କେନ୍ଦ୍ର ସରକାର ଏ ବାବଦରେ ଗୁରୁତ୍ୱର ସହ କିଛି ଠୋସ୍ ପଦକ୍ଷେପ ନେଇଛନ୍ତି ଅଥବା ନେବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ କଥା ଯଦି ସତ ତେବେ ଖୁବ୍ କମ୍ ଦିନରେ (ବର୍ଷରେ) ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହୋଇଯିବ ଓ ଦେଶରେ ଆଉ ଗରୀବ ରହିବେ ନାହିଁ ।

ରାମଚନ୍ଦ୍ରପୁର ରଣପୁର
ମୋ-୯୪୩୮୪୮୫୦୯୪

# କାନ-ନାକ-ଗଳାର ଯତ୍ନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତତ୍ତ୍ୱକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡେ ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସିକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ବାସି ଖାଦ୍ୟ ଫ୍ରିଜରେ ଖାଦ୍ୟ ରଖି ପରବର୍ତ୍ତୀ ସମୟରେ ଗରମ କରି ଖାଇବା, ବଜାରର ତଥାକଥିତ ଫାଷ୍ଟଫୁଡ ଏବଂ ଅଧିକ ମାତ୍ରାରେ ଆମିଷ ଏସବୁ ଠାରୁ ଦୂରେଇବା ଭଲ। ନିଶାଦ୍ରବ୍ୟ ଠାରୁ ଦୂରେଇବା ସହ ଆପଣଙ୍କ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଓ ଫଳ ରଖନ୍ତୁ। ସମ୍ଭବ ହେଉଥିଲେ ପ୍ରତିଦିନ ଗୋଟିଏ ପଇଡ଼ ପିଅନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। ରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ଏହା ବଧିରତାର ବଡ଼ ଘାତକ କାରଣ ହୋଇପାରେ।

କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ଏହି ଅଭ୍ୟାସ ଦ୍ୱାରା କାନର ପ୍ରବେଶ ପଥ କୁହାଯାଉଥିବା ଅଞ୍ଚଳଟି ପ୍ରାରମ୍ଭିକ ଭାବରେ କ୍ଷତାକ୍ତ ହୋଇଥାଏ। କେତେକ ଲୋକଙ୍କ କ୍ଷେତ୍ରରେ କଣା ମଧ ହୋଇଯାଏ ଯାହାକି କାନ ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ବାହାର ଜିନିଷ କାନ ମଧ୍ୟକୁ ପୁରାଇବା ଦ୍ୱାରା କାନ ସଂକ୍ରମଣ ମଧ ହୋଇଥାଏ ଯାହାପାଇଁ ପରବର୍ତ୍ତୀ ସମୟରେ ଅପରେସନ ଦରକାର ପଡ଼ିଥାଏ।

ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ। ଖରାଦିନେ ପୋଖରୀ ବା ନଦୀରେ ଅନେକ ଲୋକ ମୁଣ୍ଡ ବୁଡ଼ାଇ ଗାଧୋଇବାକୁ ଭଲ ପାଆନ୍ତି କିନ୍ତୁ ଏହାଦ୍ୱାରା କାନ ମଧ୍ୟକୁ କେବଳ ଅପରିଷ୍କାର ପାଣି ନୁହେଁ କିଛି ସଂକ୍ରାମକ କାରକ ମଧ ଆପଣଙ୍କ ଅଜାଣତରେ ପଶିଯାଆନ୍ତି ଯାହାକି ସଙ୍ଗେ ସଙ୍ଗେ ନ ହେଲେ ବି ପରବର୍ତ୍ତୀ ସମୟରେ ବଡ଼ ସମସ୍ୟାର କାରଣ ହୋଇଥାଏ।

ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ସର୍ଦ୍ଦିକୁ ଉପଷମ କରାଇବା ପାଇଁ ଆପଣଙ୍କ ହାତପାହାନ୍ତାରେ ଥିବା ଦେଶୀୟ ଚିକିତ୍ସା ଆପଣେଇ ପାରନ୍ତି ବା ଏଲୋପାଥିକର ସାହାଯ୍ୟ ନେଇପାରନ୍ତି।

ନିୟମିତ ଭାବେ କାନୁ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ବଜାରରେ ଏବେ କିଛି କାନ ସଫା କରୁଥିବା ବୁଲାଲୋକମାନେ ମିଳୁଛନ୍ତି। ଯେଉଁମାନେ ପାଞ୍ଚ ଦଶମିନିଟରେ ଆପଣଙ୍କ କାନ ସଫା କରିଦିଅନ୍ତି। ସେମାନଙ୍କ ଦ୍ୱାରା ଆଦୌ କାନ ସଫା କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ କାନ ଗଭୀର ଭାବେ ପ୍ରଭାବିତ ହେବା ସହ କ୍ଷତି ମଧ ପହଞ୍ଚାଇଥାଏ। ସେମାନେ ବ୍ୟବହାର କରୁଥିବା କାନସଫା ତେଲ ସ୍ୱାସ୍ଥ୍ୟପ୍ରଦ ନୁହଁ। ଏ ଦିଗକୁ ଭଲ ଭାବେ ମନେରଖନ୍ତୁ। ଖରାଦିନେ ପ୍ରାୟତଃ ଏସି ବା କୁଲର ବ୍ୟବହାର କରିବାକୁ ଅନେକ ଭଲ ପାଆନ୍ତି। କେହି କେହି କାନ ଆଡ଼କୁ ଥଣ୍ଡା ପବନର ଦିଗକୁ ଦେଖାଇଥାନ୍ତି। ଯାହାଦ୍ୱାରା କାନ ଭିତରକୁ ପ୍ରବଳ ମାତ୍ରାରେ ଥଣ୍ଡା ପବନ ପଶିଯାଏ। ଏହା ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କାନ ହେଉଛି ମଣିଷ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ସହିତ ନାକ ଓ ଗଳାର ସମ୍ପର୍କ ରହିଥିବାରୁ ଶରୀରର ଆଭ୍ୟନ୍ତରୀଣ କ୍ଷେତ୍ରକୁ ଏହା ସିଧାସଳଖ ସମ୍ପର୍କ ରଖିଥାଏ। ତେଣୁ ଏହାର ଯତ୍ନ ସତର୍କତାର ସହିତ ନିଅନ୍ତୁ। ଏବେ ମୋବାଇଲକୁ ସହଜରେ ଶୁଣିବା ପାଇଁ ବା ସଙ୍ଗୀତକୁ ଶୁଣିବା ପାଇଁ ଇୟର ଫୋନ ବହୁଳ ଭାବରେ ବ୍ୟବହାର କରାଯାଉଛି। ଏହାକୁ ଯଥାସମ୍ଭବ କମ ବ୍ୟବହାର କରନ୍ତୁ। କାନ ଭିତରକୁ ଯେପରି ଧୂଳି ବା ପବନ ନଯିବ ସେ ଦିଗ ପ୍ରତି ସଚେତନ ରୁହନ୍ତୁ।

ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ, କାଠଗୋଲାରୋଡ଼,
ମଙ୍ଗଳାବାଗ, କଟକ
ଦୂରଭାଷ : ୯୪୩୮୨୭୬୭୬୦

# ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଯୋଗ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ିଯାଇଛି। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧ୍ୟାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୀମିତ ଥିଲା। ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଠ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ। ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା। ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ। ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ। ଏହା ଲୋକଙ୍କ ମଧ୍ୟରେ ଜ୍ଞାନ, ଆଧ୍ୟାତ୍ମ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା। ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ। ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ଷ୍ୱାକୁ ଇକ୍ଷ୍ୱା ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି। ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ। ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢିକୁ ଯାଇଥିଲା। ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ। ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା। ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା। କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ। ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ। ମାତ୍ର ପତଞ୍ଜଳି ଏହାକୁ ସୁବ୍ୟବସ୍ଥିତ ରୂପ ଦେଇଥିଲା। ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ। ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ଥାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗରେ ରହିଥିବାର କୁହାଯାଏ। ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ। ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ। ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ। ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଗୋଟିଏ ଦିନରେ ଦୁଇ ଦୁଇଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ନିଆଳୀ ବିଧାୟକ



ନିଆଳୀ, (ମହାଭାରତ) : ମା' ମାଟିର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଆଳୀ ବିଧାୟକ ଛବି ମଲ୍ଲିକ୍ ଚେଷ୍ଟା ଜାରି ରଖିଥିବା ବେଳେ ଆଜି ଗୋଟିଏ ଦିନରେ ଦୁଇ ଦୁଇଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ଦେଖିବାକୁ ମିଳିଛି । ଏହି ଦୁଇଟି ରାସ୍ତା ମଧ୍ୟରୁ ନିଆଳୀ ନୂଆ ଗାଁ କଲେଜ ରାସ୍ତା ହୋଇଥିବା ବେଳେ ଅନ୍ୟଟି କୃଷ୍ଣପ୍ରସାଦ ମେଡିକାଲ ଛକ ଠାରୁ ବିନିସପୁର ଭାୟା ଶିଖର ଘାଟକୁ ସଂଯୋଗ କରୁଥିବା ଜଣାପଡିଛି । ପୂର୍ବରୁ ଏହି ରାସ୍ତା ସଂକୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଗମନାଗମନ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଧାୟକଙ୍କ ପ୍ରଚେଷ୍ଟାରେ ଏହି ଦୁଇଟି ରାସ୍ତାର ସଂପ୍ରସାରଣ ସାଙ୍ଗକୁ ନବିକରଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଆଜି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ଯାହାକୁ ନେଇ ସ୍ଥାନୀୟ ଲୋକମାନେ ବେସ ଖୁସି ଥିବା ଦେଖିବାକୁ ମିଳିଛି । ବିଜେପି ସରକାର ଆସିବା ପରେ ନିଆଳୀ ଅଞ୍ଚଳରେ ଅନେକ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବିକାଶର ବିନ୍ଧାଣୀ ସାଜିଛନ୍ତି ବିଧାୟକ ତେବେ ବିଧାୟକ ଙ୍କ ଏପରି କାର୍ଯ୍ୟ ଶୈଳୀକୁ ଦେଖି ଲୋକେ ଭୁରି ଭୁରି ପ୍ରଶଂସା କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପାଖାପାଖି ୧୩ କୋଟି ୫୦ ଲକ୍ଷ୍ୟ ବ୍ୟୟ ଅଟକଳରେ ଏହି ଦୁଇଟି ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ନିଆଳୀ କଲେଜ ରାସ୍ତା ପାଇଁ ୨ କୋଟି ୫୦ ଲକ୍ଷ୍ୟ ଏବଂ କୃଷ୍ଣପ୍ରସାଦ ମେଡିକାଲ ଛକ ରାସ୍ତା ପାଇଁ ମୋଟ ୧୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଖୁବ୍ ଶୀଘ୍ର ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ନିଆଳୀ ବିଧାୟକ ଛବି ମଲ୍ଲିକ୍ କହିଛନ୍ତି ।

## ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ତରଫରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମପୁର ଏବଂ ରାଜହଂସ ଠାରେ ଚିଲିକା ବନ୍ୟପ୍ରାଣୀ ବନ ଖଣ୍ଡ ତରଫରୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ସୃଷ୍ଟି କରିବା



ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳୁ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ବ୍ରହ୍ମପୁରରେ ଏକ ରାଲି ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏଥିରେ ସ୍ୱେଚ୍ଛାସେବୀ , ଗ୍ରାମବାସୀ, ବିଦ୍ୟାଳୟର ଶିକ୍ଷାର୍ଥୀ ମାନେ ଯୋଗ ଦେଇଥିଲେ। ଚିଲିକାକୂଳ ଏବଂ ସମୁଦ୍ର କୂଳରୁ ଅଳିଆ ଆବର୍ଜନା, ପଲିଥିନକୁ ସଫେଇ କରିଥିଲେ। ଆସ ପରିବେଶ ଓଡିଶା କୁ ପଲିଥିନ ମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ଆଜି ଘରକୁ ଫେରିବା ପରେ ନିଜ ପରିବାର, ପଡୋଶୀ, ସାଙ୍ଗସାଥି ମାନଙ୍କୁ ଏନେଇ ସଚେତନ କରାଇବେ ବୋଲି କଥା ରଖିଥିଲେ। ଚିଲିକା ବନ୍ୟପ୍ରାଣୀ ବନ ଖଣ୍ଡ ଅଧିକାରୀ ବାଲୁଗାଁ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶରେ ଉପକୂଳ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି। ଏ ସି ଏଫ ସୌମ୍ୟ ରଞ୍ଜନ ସାହୁ, ସାତପଡ଼ା ରେଞ୍ଜର ରଞ୍ଜନ କୁମାର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୁଦ୍ର, ଚିଲିକା କୂ ରୁ ପଲିଥିନ ସଫେଇ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନପାଳ ପ୍ରତୀୟ ଜୟସିଂହ, ବନପାଳ ସୁଦିପ କୁମାର ବେହେରା  ବନପାଳ ଅନିଲ ଲେଙ୍କା, ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ଲକ୍ଷ୍ମଣ ପିପକ୍ଷକା, ବନରକ୍ଷୀ ଭାବଗ୍ରାହୀ ନାୟକ, ବନରକ୍ଷୀ ଅନିତା ଜୟସିଂହ, ବନରକ୍ଷୀ ଶିବ ପ୍ରସାଦ ପଲାଇ, ବନରକ୍ଷୀ ମାନସ ରଞ୍ଜନ ନାୟକ, ସାମାଜିକ କର୍ମୀ ନିର୍ମଳ ରଣସିଂହ ଙ୍କ ସମେତ ପରିବେଶ ବିତ ମାନେ ମଧ୍ୟ ଯୋଗ ଦେଇଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ

ଗଣିଆ, (ମହାଭାରତ): ଖଣ୍ଡପଡା ଥାନା ଅନ୍ତର୍ଗତ ମଇଁଷି ବିନ୍ଧା ଗ୍ରାମର ସୁଶାନ୍ତ ପ୍ରଧାନ (୩୦)ଙ୍କ ଠାରୁ ୧୨ଲିଟର ଦେଶୀ ମଦ ଜବତ ସହିତ ଗିରଫ କରାଯାଇଥିବା ଦଶପଲ୍ଲା ଅବକାରୀ ବିଭାଗ ଅଧିକାରୀ ବାଦଲ ସାମଲ ସୂଚନା ଦେଇଛନ୍ତି। ଖବର ପାଇ ଗଣିଆ ଥାନା ଅନ୍ତର୍ଗତ ଚଉବଙ୍ଗ ଠାରେ ଚଢ଼ାଉ କରି ସୁଶାନ୍ତ କୁ ଗିରଫ କରିଥିଲେ। ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ବାଦଲ ସାମଲଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।



## ସାରସ୍ୱତ ପରିକ୍ରମାର ୨୯ତମ ସ୍ୱନକ୍ଷତ୍ର ଦିବସ ଓ ସମ୍ବର୍ଦ୍ଧନା ପର୍ବ ପାଇଁ ପ୍ରସ୍ତୁତି

ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମାର ୨୯ତମ ସ୍ୱନକ୍ଷତ୍ର ଦିବସ ଆସନ୍ତା ମାର୍ଚ୍ଚ ୨୯ ତାରିଖ ରବିବାର ଦିନ ସ୍ଥାନୀୟ ପିଏମଶ୍ରୀ ଏନ୍ଏସି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳନ କରାଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି । ଏହି ଉପଲକ୍ଷେ ଏକ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ, ଅନୁଷ୍ଠାନର ମୁଖପତ୍ର 'ସ୍ୱାଭିମାନ' ଲୋକାର୍ପଣ ଏବଂ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଓଡ଼ିଆ ସାହିତ୍ୟ ଏବଂ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଆଠ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ରହିଛି। ସାରସ୍ୱତ ପରିକ୍ରମା ସାହିତ୍ୟ ସମ୍ମାନ ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଡ. ଅପର୍ଣ୍ଣା ମହାନ୍ତି,ଗଳ୍ପ ପାଇଁ ଇଞ୍ଜିନିୟର ବିଷ୍ଣୁ ସାହୁ ଏବଂ କବିତା ପାଇଁ ମୋହିତ ଚକ୍ରବର୍ତ୍ତୀ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ସେହିପରି ଗୀତିକବି  ସ୍ୱର୍ଗତ ଅନ୍ନପୂର୍ଣ୍ଣା ନନ୍ଦଙ୍କ ସ୍ମୃତି ସମ୍ମାନ ସମାଜସେବା ପାଇଁ ଆଇନଜୀବି ଗତି କୃଷ୍ଣ ଶତପଥୀ,ମଞ୍ଚ ଉପସ୍ଥାପିକା ତୁଳସୀ ବରାଳ, କବିତା ପାଇଁ ରଞ୍ଜିତା ସାହୁ, ଆଦର୍ଶ ଶିକ୍ଷକ ଯଶୋବନ୍ତୀ ନାୟକ ଏବଂ ସାହିତ୍ୟ ପାଇଁ ମିରାଙ୍ଗିନୀ ଦେଇଙ୍କୁ ସମ୍ବର୍ଦ୍ଧନା କରାଯିବ । ସାରସ୍ୱତ ପରିକ୍ରମା ସଭାନେତ୍ରୀ ଗୋଲାପ ରାଣୀ ସାହୁଙ୍କ ସଭାପତିତ୍ୱରେ  ସାହିତ୍ୟ ଆଲୋଚନା ସଭାରେ ଅତିଥି ଭାବରେ ଯୋଗଦାନ କରିବେ ପାରାଦୀପ ବନ୍ଦରର ପୂର୍ବତନ ସଚିବ ପ୍ରଭାତ କୁମାର ନନ୍ଦ, ପାରାଦୀପ ମୁନିସପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ମୁନିସପାଲିଟିର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଗାଳ୍ପିକ ରବି ସ୍ୱାଇଁ, ପ୍ରଧାନ ଶିକ୍ଷକ ନିରଞ୍ଜନ ଅଟି ଏବଂ ବ୍ରହ୍ମ ଜଗନ୍ନାଥ ମିଶନର ସଂସ୍ଥାପକ କ୍ୟାପଟେନ୍ ସଞ୍ଜୀବ କୁମାର ମୁଦୁଲୀ ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ଅନୁଷ୍ଠାନର ସଭାନେତ୍ରୀ ଗୋଲାପ ରାଣୀ ସାହୁ ଏବଂ ସମ୍ପାଦକ ରମେଶ ତ୍ରିପାଠୀ ଜଣାଇଛନ୍ତି।

# ଆଖଣ୍ଡଳ ମଣି ଗୌଡ଼ ରାଜ୍ୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ

ମୋହନା, (ମହାଭାରତ) : ଗଜପତି ଜିଲ୍ଲାର ଯୁବ ନେତା ଶ୍ରୀ ଆଖଣ୍ଡଳ ମଣି ଗୌଡ଼ ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହଇଛନ୍ତି । ଓଡ଼ିଶାରେ ସଂଗଠନକୁ ଆହୁରି ସଦୃଢ଼, ଶକ୍ତିଶାଳୀ, ସକ୍ରିୟ ଓ ବିସ୍ତୃତ କରିବାର ଲକ୍ଷ୍ୟରେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନିଷ୍ପତି ଯୁବଶକ୍ତିକୁ ଏକ ନୂତନ ଦିଗ ଦେବା ସହିତ ଦଳୀୟ ସଂଗଠନକୁ ଗ୍ରାମାନ୍ତରରେ ଆହୁରି ମଜବୁତ୍ କରିବାରେ ସହାୟକ ହେବ ବୋଲି ମନେ କରାଯାଉଛି । ଶ୍ରି ଆଖଣ୍ଡଳ ମଣି ଗୌଡ଼ ଜଣେ ଯୁବ ସଂଗ୍ରାମୀ, ଦୃଢ଼ ସଙ୍କଳ୍ପି ଓ ସକ୍ରିୟ ସଙ୍ଗଠକ ଭାବେ ପରିଚିତ । ସେ ପୂର୍ବରୁ ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟରତ ଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ରହିବା ସହ ବିଭିନ୍ନ ସାମାଜିକ ଓ ଛାତ୍ର ଆନ୍ଦୋଳନରେ ନେତୃତ୍ୱ ନେଇ ନିଜ ସାଙ୍ଗଠନିକ ଦକ୍ଷତାର ପ୍ରମାଣ ଦେଇଛନ୍ତି । ସେ ନିଜର ଶିଷ୍ଟାଚାର, ଦଳପ୍ରତି ନିଷ୍ଠା ଓ ଯୁବକ ମାନଙ୍କୁ ସଂଗଠିତ କରିବାର କ୍ଷମତା ପାଇଁ ଜଣାଶୁଣା । ତାଙ୍କ ନେତୃତ୍ୱ ରେ ଗଜପତି ଜିଲ୍ଲାରେ ବିଜେପି ଯୁବମୋର୍ଚ୍ଚା ର ବିଭିନ୍ନ କାର୍ଯ୍ୟକ୍ରମ , ସଙ୍ଗଠୋନ ବିସ୍ତାର, ଯୁବ ସଚେତନତା ଓ ସାମାଜିକ କାର୍ଯ୍ୟକ୍ରମରେ ଦୃଶ୍ୟମାନ ସଫଳତା ମିଳିଥିଲା । ମାତ୍ର ୨୮ ବର୍ଷ ବୟସରେ ଗଜପତି ଜିଲ୍ଲାର ନୂଆଗଡ ବ୍ଲକ ରୁ ଉଠି ରାଜ୍ୟ ସ୍ତରରେ ନେତୃତ୍ୱ ନେଉଥିବା ରୁ ଆମପାଇଁ ଗର୍ବର ବିଷୟ ଯାହା ଯୁବ ସମାଜ ପାଇଁ ଏକ ନୂତନ ପ୍ରେରଣା ରୂପେ କାମ କରିବ । ଗଜପତି ଜିଲ୍ଲାର ଜଣେ ଦକ୍ଷ ଛାତ୍ର ନେତା ଆଖଣ୍ଡଳମଣି ଗୌଡଙ୍କୁ ରାଜ୍ୟ ଯୁବମୋର୍ଚ୍ଚା ସୋଭାପତିଙ୍କ ଘଷୋଣା କ୍ରମେ ବିଜେପି ଯୁବ ମୋର୍ଚ୍ଚା ଓଡ଼ିଶା ପ୍ରଦେଶର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ ହେଇଥିବାରୁ ଗଜପତି ଜିଲ୍ଲା ଭଜପା ଜିଲ୍ଲା ସଭାପତି ନବକିଶୋର ଶବର, ବିଧାୟକ ପାର୍ଥୀ ପ୍ରଶାନ୍ତ ମଲ୍ଲିକ, ଜିଲ୍ଲା ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ଘଡ଼େଇ ଏବଂ ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ଏହା ଦଳୀୟ ସଙ୍ଗଠୋନ ପାଇଁ ଏକ ଗୌରବମୟ ମୁହୂର୍ତ୍ତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସୋଭପତି ମନମୋହନ ସାମଲ, ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲ୍ଲା ସଭାପତି ନବକିଶୋର ଶବର, ଭାଜପା ବିଧାୟକ ପର୍ଥି ପ୍ରଶାନ୍ତ ମଲିକ୍, ଭାଜପା ପୂର୍ବତନ ବିଧାୟକ ଶ୍ରୀ ଲ.ନାରାୟଣ ରାଓ, ଜିଲ୍ଲା ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ଘଡ଼େଇ, ଜଗନ୍ନାଥ ଭାଇ, ପ୍ରଶାନ୍ତ ଭାଇଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



## ରକ୍ତଦାନ ଶିବିର

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଢେଙ୍କାନାଳ ଜିଲ୍ଲା ରକ୍ତଭଣ୍ଡାର ସହଯୋଗରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଆଜିର ଏହି ରକ୍ତଦାନ ଶିବିରରେ ୧୦୧ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ସ୍ଥାନୀୟ ଜନସାଧାରଣ, ପୋଲିସ କର୍ମଚାରୀ, ମେଡିକାଲ କର୍ମଚାରୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ରକ୍ତଦାନ କରିଥିଲେ। ସେହିପରି ଢେଙ୍କାନାଳ ଡ୍ରଗ ଇନିସ୍ପେକ୍ଟର ହିନ୍ଦୋଳ ବ୍ଲକ ଉପ ଶିକ୍ଷାଧିକାରୀ ପ୍ରମୁଖ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ଥାନା ଅଧିକାରିଣୀ, ଏନଏସି ଅଧ୍ୟକ୍ଷ, ସାମ୍ବାଦିକ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚିନିଶିଳ୍ପ ଫାଟକରେସମ୍ମୁଖରେ ତିନି ଦଫା ଦାବୀ ନେଇ କର୍ମଚାରୀଙ୍କ ଗଣ ଧାରଣା

ଆସିକା, (ମହାଭାରତ) : ଆସିକା ସମବାୟ ଚିନି କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶତାଧିକ ଅସ୍ଥାୟୀ କର୍ମଚାରୀଙ୍କ ୦୩ ଦଫା ଦାବୀ ନେଇ ଗଣଧାରଣା । ଆଜି ଚିନି କାରଖାନା ର କର୍ମଚାରି ସଙ୍ଘର ସମ୍ପାଦକ ଶିବ ରାମ ରାଉଳଙ୍କ ଆହ୍ୱାନ କ୍ରମେ ଚିନି ଶିଳ୍ପ କର୍ମଚାରୀ ତିନି ଦଫା ଦାବୀ ମଧ୍ୟରୁ ୧୦୫ ଜଣ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, କାରଖାନା ବକେୟା ଥିବା ୦୩ ବର୍ଷ ର ବୋନସ ରାଶି ପ୍ରଦାନ ସାଙ୍ଗକୁ ବରିଷ୍ଠତା ଓ ଯୋଗ୍ୟତା ଭିତିରେ ନିଯୁକ୍ତି ପ୍ରଦାନ କରିବାକୁ ଦାବୀ କରି ଧାରଣା ରେ ବସି ପ୍ରତିବାଦ କରିଛନ୍ତି। କାରଖାନା ପରିଚାଳନା ପରିଷଦ ଏବଂ ପରିଚାଳନା ନିର୍ଦ୍ଦେଶକ ଏଥି ପ୍ରତି ଧ୍ୟାନ ନଦେଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ସଙ୍ଘ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଘଟଣା ସମ୍ପର୍କରେ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ପଣ୍ଡା ଏବଂ ପରିଚାଳନା ନିର୍ଦ୍ଦେଶକ ଡ଼.ସୁଶାନ୍ତ କୁମାର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପରିଚାଳନା ପରିଷଦ ବୈଠକର ନିର୍ଦ୍ଧାରଣ ଏବଂ ଷ୍ଟାଫ ସିଲେକ୍ସନ କମିଟି ର ସହମତି ଭିତରେ ସମବାୟ ଆଇନ ଓ ଚିନିକଳର ଆଇନ ଅନୁସାରେ ଯଥା ସମ୍ଭବ, ନ୍ୟାୟ ସମ୍ମତି ଓ ବିଧି ସଂମ୍ମତ ଅନୁସାରେ କର୍ମଚାରୀ ମାନଙ୍କ ନିଯୁକ୍ତି, ପଦୋନ୍ନତି, କର୍ମଚାରୀ ମାନଙ୍କ ଅଭିଜ୍ଞତା, ଯୋଗ୍ୟତା, ଦକ୍ଷତା, କାରଖାନାର ଶୂନ୍ୟତାକୁ ଆଧାରକାରି ସରକାରୀ ନିର୍ଦ୍ଦେଶାନାମା ଅନୁସାରେ ନିଷ୍ପତି ଓ ନ୍ୟାୟ ଦେବା ପାଇଁ ସ୍ଥିର କରାଯାଉଛି ବୋଲି କହିଛନ୍ତି । ଆଜିର ଏହି ଧାରଣା ସ୍ଥଳରେ ଚିନି କାରଖାନା ର କର୍ମଚାରି ସଙ୍ଘ ର ସମ୍ପାଦକ ଶିବ ରାମ ରାଉଳ, କୋଷାଧକ୍ଷ କୈଳାସ ପଟନାୟକ, ଏ ଆଇ ଟି ସି ୟୁ ଉପସଭାପତି ପ୍ରଦୀପ ସେଠୀ ଭଗବାନ ବେହେରା, ଲକ୍ଷ୍ମୀ ପଟନାୟକ, ସୁବାସ ପାତ୍ର, ବାବୁଲା ପ୍ରଦାନ, ରାମ ବିଶ୍ୱାଳ, ଟୁନା ବିଶ୍ୱାଳ, ଚିରଞ୍ଜିବୀ ପାତ୍ର, ସନ୍ତୋଷ କୁମାର ସାହୁ, ସୂର୍ଯ୍ୟ ପାଳ, ପୂର୍ଣ୍ଣ ସ୍ୱାଇଁ, ତ୍ରିନାଥ ବେହେରା, ମିଥୁନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ଆନ୍ଦୋଳନ ରେ ସାମିଲ ହେଉଥିଲେ।

## ଜିଲ୍ଲା ସ୍କୁଲର ୧୯୯୬ ମସିହା ବ୍ୟାଚର ବନ୍ଧୁ ମିଳନ



ପାରାଦୀପ /ପୁରୀ, (ମହାଭାରତ) : ପୁରୀ ଜିଲ୍ଲା ସ୍କୁଲ ୧୯୯୬ ମସିହା ମେଟ୍ରିକ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ ମାନଙ୍କର ଏକ ବନ୍ଧୁମିଳନ ଓ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଗତ ମାର୍ଚ୍ଚ ୨୧ ତାରିଖ ଶନିବାର ଦିନ ପୁରୀ ସିଟି ରୋଡ଼ ସ୍ଥିତ ଭିବ୍ରାନ୍ଟ ହୋଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ମୁକ୍ତା ଜୟନ୍ତୀ ଅବସରରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପୁରାତନ ଶିକ୍ଷକ ଭାବଗ୍ରାହୀ ରାଉତରାୟ, ସୁଧାକର ମହାପାତ୍ର, ରମାକାନ୍ତ ପଣ୍ଡା, ରମାକାନ୍ତ କର, ଦିବାକର ମିଶ୍ର, ହରିହର ପାତ୍ର, ରାଜଲକ୍ଷ୍ମୀ ମିଶ୍ର, ସୁମିତ୍ରା ରଥ,  ଗଙ୍ଗାଧର ଦାଶ, ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ସୁଶ୍ରୀ ସନ୍ଧ୍ୟାରାଣୀ ନାୟକ, ରମେଶ ଚନ୍ଦ୍ର ମହାପାତ୍ର, ପିତାମ୍ବର ମହାନ୍ତି, ଉମା ଦେବୀ,  ଶାନ୍ତିଲତା ମହାନ୍ତି,  ବାସନ୍ତୀ ରଥ, ଗୋଲବିହାରୀ ରାଉତରାୟ ଏବଂ ଜିଲ୍ଲାସ୍କୁଲର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ବାନାର୍ଜୀ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ । ଏହା ବ୍ୟତୀତ ଦିବଂଗତ ଶିକ୍ଷକ ଯୋଗୀନାଥ ମହାନ୍ତି, ବ୍ରଜକିଶୋର ନାୟକ, ସୁରବାଳା ମିଶ୍ର,ଦମୟନ୍ତୀ ଦେବୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନନ୍ତ ସାର, ପ୍ରହଲ୍ଲାଦ ଶତପ ?ଥୀ ଓ ଦିବଂଗତ ବିଦ୍ୟାର୍ଥୀଙ୍କୁ ମଧ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଭାରତର ପ୍ରମୁଖ ସଂସ୍ଥା ଇଫକୋ ଏହି କାର୍ଯ୍ୟକ୍ରମକୁ ସହଯୋଗର ହାତ ବଢ଼ାଇଥିଲା ଏବଂ ଏହି ସଂସ୍ଥାର ଲୋକସମ୍ପର୍କ ଅଧିକାରୀ ଡଃ. ପ୍ରସନ୍ନ କୁମାର ବେଉରା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ମିଶ୍ର, ନୀଳକଣ୍ଠ ଗୁରୁ, ନାରାୟଣ ପଶୁପାଳକ, ଶ୍ରୀମନ୍ତ ସାହୁ, ପ୍ରଶାନ୍ତ ମହାରଣା, ଯୋଗେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସୁପରିଚାଳନା କରିଥିଲେ । ଲୋପାମୁଦ୍ରା ମହାନ୍ତି ଓ ମାନସ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ସାଂସଦଙ୍କୁ ସାକ୍ଷାତ କଲେ ଗବବସ୍ତ ମଣ୍ଡଳର ନୂତନ ପଞ୍ଚାୟତ ଓ କୃଷକ ମୋର୍ଚ୍ଚା ସଭାପତି

ବାରଙ୍ଗ, (ମହାଭାରତ) : କୁରାଙ୍ଗ ପ୍ରଧାନ ଓ କୁରାଙ୍ଗ ଶାସନ ପଞ୍ଚାୟତରେ ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ ପରେ ବାରଙ୍ଗ ୩୩ ନମ୍ବର ଜୋନ୍ ର ବିଜେପି କର୍ମୀମାନେ ମାନ୍ୟବର ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ ସାକ୍ଷାତ୍ କରିଥିଲେ। ଏହି ସାକ୍ଷାତକାରରେ କୁରାଙ୍ଗ ପ୍ରଧାନ ପଞ୍ଚାୟତର ନୂତନ ସଭାପତି ଅମୀୟ କୁମାର ସ୍ୱାଇଁ ଓ ଗବବସ୍ତ ମଣ୍ଡଳର କୃଷକ ମୋର୍ଚ୍ଚାର ସଭାପତି ବିଜୟ ସାହୁ, ସାଂସଦଙ୍କ କଟକ ଜିଲ୍ଲା ପ୍ରତିନିଧି ବନ୍ଧୁ ଚରଣ ସାହୁ ,ଗବବସ୍ତ ମଣ୍ଡଳ ସଭାପତି ଅଶ୍ୱିନୀ କାଣ୍ଡି ଙ୍କ ସହିତ କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ ଓ ନଗରୀ ପଞ୍ଚାୟତର ବିଜେପି କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ ।ମାନ୍ୟବର ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇ ଏହି ଅବସରରେ  ପଞ୍ଚାୟତର ନୂତନ ସଭାପତି ଓ ଗବବସ୍ତ ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତିଙ୍କୁ ଅଭିନନ୍ଦନ ଜଣାଇ ନୂତନ ଦାୟିତ୍ୱ ସଫଳତାର ସହ ନିର୍ବାହ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ, ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ସହିତ ଅଞ୍ଚଳର ସାଧାରଣ ଲୋକଙ୍କ ଓ ଅଞ୍ଚଳ ସମସ୍ୟାର ର ସମାଧାନକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ବିଶେଷ କରି ଗରିବ, ପଛୁଆ ବର୍ଗର ଲୋକମାନଙ୍କ ସମସ୍ୟା, ବିଦ୍ୟାଳୟର ଶିକ୍ଷା ଓ ପରିସରର ଉନ୍ନତି, ଆବାସ ଯୋଜନାର ସଠିକ୍ ରୂପାୟଣ, କୃଷି,ଗ୍ରାମୀଣ ରାସ୍ତା ବିକାଶ ଓ ଭତ୍ତା ବିଭିନ୍ନ ସରକାରୀ ଯୋଜନାକୁ ଠିକ୍ ସମୟରେ ଲୋକଙ୍କ ପାଖରେ କିପରି ପହଞ୍ଚିବ ତାଉପରେ କର୍ମୀମାନେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ସମସ୍ତ ବିଜେପି କର୍ମକର୍ତ୍ତା। ଏକତ୍ରିତ ହୋଇ ଲୋକଙ୍କ ସହ ସଦା ସମ୍ପର୍କ ରଖି ତାଙ୍କର ଦୁଃଖ-ସୁଖରେ ସାଥୀ ହେବା ଆବଶ୍ୟକ। ସରକାରୀ ଯୋଜନାଗୁଡ଼ିକୁ ଠିକ୍ ଭାବେ ପ୍ରତ୍ୟେକ ଘରକୁ ପହଞ୍ଚାଇବା ଦିଗରେ କାର୍ଯ୍ୟଶୀଳ ହେବା ଆବଶ୍ୟକ। ଏହା ଦ୍ୱାରା ଦଳର ପ୍ରତି ଲୋକମାନଙ୍କ ଆଶା ଓ ବିଶ୍ୱାସ ଆହୁରି ବୃଦ୍ଧି ପାଇବ ବୋଲି ସେ ଉଲ୍ଲେଖ କରିଥିଲେ।ଏହି ସାକ୍ଷାତରେ କୁରାଙ୍ଗ ପ୍ରଧାନ ପଞ୍ଚାୟତ ସଭାପତି ଅମୀୟ କୁମାର ସ୍ୱାଇଁ ଆଗାମୀ କାର୍ଯ୍ୟପଦ୍ଧତି ସମ୍ପର୍କରେ ସାଂସଦଙ୍କ ସହ ଆଲୋଚନା କରିଥିଲେ। ସାଂସଦ ମଧ୍ୟ ସମସ୍ତ ପ୍ରକାର ସହଯୋଗ ଓ ମାର୍ଗଦର୍ଶନ ଦେବାକୁ ଆଶ୍ୱାସନା ଦେଇଥିବାବେଳେ ସମସ୍ତେ ଏକତାବଦ୍ଧ ଭାବେ ଅଞ୍ଚଳ ଉନ୍ନତି ପାଇଁ କାମ କରିବାକୁ ସଂକଳ୍ପ ନେଇଥିଲେ ।



## ଦୁର୍ଘଟଣାରେ ପାରାଦୀପର ଯୁବ ସାମ୍ବାଦିକ ରଶ୍ମୀ ରଞ୍ଜନ ରାଉତରାୟଙ୍କ ମୃତ୍ୟୁ




ପାରାଦୀପ, (ମହାଭାରତ) : କନକ ନ୍ୟୁଜ ର ପାରାଦୀପ ପ୍ରତିନିଧି ତଥା ଜଣାଶୁଣା ଯୁବ ସାମ୍ବାଦିକ ରଶ୍ମୀ ରଞ୍ଜନ ରାଉତରାୟ (୪୪) ଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି । ସେ ରବିବାର ରାତିରେ କାର୍ଯ୍ୟ ସାରି ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ସମ୍ମୁଖ ରାସ୍ତା ଦେଇ ମଧୁବନ ସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ଏକ ଟ୍ରଲି ରିକ୍ସା ସହିତ ଜୋରରେ ଧକ୍କା ହୋଇଥିଲା । ସେଠାରେ ସେ ଗୁରୁତର ହେବାରୁ ପ୍ରଥମେ ପୋର୍ଟ ହସ୍ପିଟାଲ ଓ ପରେ ଅତ୍ୟାଧୁନିକ କେଏମଏସ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ମୁଣ୍ଡ ଭିତରେ ରକ୍ତ ଜମାଟ ହୋଇଥିବାରୁ ଅସ୍ତ୍ରୋପଚାରର ଆବଶ୍ୟକ ରହିଥିବା ବେଳେ ରଶ୍ମିଙ୍କୁ କଟକ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ତେବେ ପାରାଦୀପରେ ଅତ୍ୟାଧୁନିକ ଭେଣ୍ଟିଲେଟର ସୁବିଧା ଥିବା ଆମ୍ବୁଲାନ୍ସ ନଥିବାରୁ କଟକରୁ ଆମ୍ବୁଲାନ୍ସ ମଗା ଯାଇଥିଲା । ତେବେ ଏସବୁ କାର୍ଯ୍ୟ ସମୟ ସାପେକ୍ଷ ଏବଂ ତୁରନ୍ତ ଅସ୍ତ୍ରୋପଚାର ନହୋଇ ପାରିବାରୁ କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ତେବେ ରଶ୍ମିଙ୍କ ବିୟୋଗରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମହଲରେ ଗଭୀର ଶୋକର ଛାୟା ଖେଳି ଯାଇଛି ।

# ଷ୍ଟ୍ରିଟ ଲାଇଟ୍ ବିଦ୍ୟୁତ୍ ଦେୟକୁ ନେଇ ବଢୁଛି ବିବାଦ ପୌର ପରିଷଦ ଓ ଏନ୍ଏସି ନାଁରେ ଗଢୁଛି ବାକି

ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୌର ପରିଷଦ ସମେତ ଖଣ୍ଡପଡ଼ା ଓ ଦଶପଲ୍ଲା ଏନ୍ଏସି ରେ ଲକ୍ଷ ଲକ୍ଷ ଟଙ୍କା ବିଜୁଳି ବିଲ୍ ବାକି ପଡ଼ିଛି। ବର୍ଷ ବର୍ଷ ଧରି ଏହି ବାକି ଗଢୁଥିଲେ ମଧ୍ୟ ଏ ଦିଗରେ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ବିଶେଷ କରି ପୌର ପରିଷଦ ଓ ଏନ୍ଏସି ଗୁଡ଼ିକ ଅଧୀନରେ ଲାଗିଥିବା ଷ୍ଟ୍ରିଟ୍ଲାଇଟ୍କୁ ନେଇ ଅଧିକ ସମସ୍ୟା ବଢୁଛି। ଏହାସହ କାର୍ଯ୍ୟାଳୟ, କଲ୍ୟାଣ ମଣ୍ଡପ ଓ ଉଦ୍ୟାନ ଗୁଡ଼ିକର ମଧ୍ୟ ବିଜୁଳି ବିଲ୍ ଠିକ୍ ସମୟରେ ପଇଠ କରାଯାଉ ନଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାରେ ଗୋଟିଏ ପୌର ପରିଷଦ ଏବଂ ଖଣ୍ଡପଡ଼ା, ଓଡ଼ଗାଁ, ରଣପୁର ଓ ଦଶପଲ୍ଲା ଚାରିଟି ଏନ୍ଏସି ରହିଛି। ଷ୍ଟ୍ରିଟ୍ ଲାଇଟ୍ ବାବଦକୁ ବାକି ପଡ଼ିଥିବା ବିଜୁଳି ବିଲ୍ ସଂକ୍ରାନ୍ତରେ ବିଧାନସଭାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ପାତ୍ର ପ୍ରଦାନ କରିଥିବା ତଥ୍ୟ ମୁତାବକ, ନୟାଗଡ଼ ପୌର ପରିଷଦ ରେ ୫,୨୧,୩୦୭ ଟଙ୍କା, ଖଣ୍ଡପଡ଼ା ଏନ୍ଏସି ରେ ୬,୩୫,୮୮୭ ଟଙ୍କା ଓ ଦଶପଲ୍ଲା ଏନ୍ଏସି ରେ ୧୪ ଲକ୍ଷ ଟଙ୍କା ବିଲ୍ ପଇଠ କରାଯାଇ ନାହିଁ। ବାକି ଦୁଇଟି ଏନ୍ଏସି ରଣପୁର ଓ ଓଡ଼ଗାଁରେ ବିଜୁଳି ବିଲ୍ ବାକି ନଥିବା ଦର୍ଶାଯାଇଛି। ଏଣୁ ଷ୍ଟ୍ରିଟ୍ ଲାଇଟ୍ ବାବଦକୁ କେବଳ ଏହି ତିନି ସ୍ଥାନରେ କମ୍ପାନିର ୨୫, ୫୭, ୧୯୪ ଟଙ୍କା ବାକି ରହିଥିବା ଜଣାପଡ଼ିଛି। ଷ୍ଟ୍ରିଟ୍ ଲାଇଟ୍ ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତ୍ୟେକ ମାସରେ ଷ୍ଟ୍ରିଟ୍ ଲାଇଟ୍ ବିଲ୍ ବାବଦରେ ଟିପିସିଓଡିଏଲ୍ ଦୁଇ ଗୁଣା ଅଧିକ ବିଲ୍ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବା ପ୍ରତ୍ୟେକ ଖୁଣ୍ଟ ପିଛା କମ୍ପାନି ବିଲ୍ ଆଦାୟ କରୁଛି ଅଧିକାଂଶ ସ୍ଥାନରେ କିଛି ଖରାପ ହୋଇଥିବା ବେଳେ ଆଉ କିଛି ଚୋରି ହୋଇଯାଉଛି। ରାସ୍ତା ସମ୍ପ୍ରସାରଣ ପାଇଁ ମଧ୍ୟ ଆଉ କିଛି ଖୁଣ୍ଟକୁ ଉଠାଇ ଦିଆଯାଇଛି। ମାତ୍ର କମ୍ପାନି ପୂର୍ବ ଭଳି ମଧ୍ୟ ବିଲ୍ ଆଦାୟ କରି ଚାଲିଛି। ଫଳରେ ଉକ୍ତ ବିଲ୍ ପଇଠ କରିବାରେ ସମସ୍ୟା ହେଉଛି ବୋଲି ନୟାଗଡ଼ ପୌର ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ନୟାଗଡ଼ ପୌର ପରିଷଦ ଅଧୀନରେ ପାଞ୍ଚ ବର୍ଷ ତଳୁ ୨୧୨୨ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏହି ଲାଇଟ୍ ଗୁଡ଼ିକ ପାଇଁ ସ୍ୱତନ୍ତ୍ର ମିଟର୍ ନଥିବାରୁ ବିଲ୍ ଆଦାୟ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ନିଆଯାଇ ନଥିଲା। ବିଜୁଳି ବିଭାଗ ଟିପିସିଓଡିଏଲ୍ ଅଧୀନକୁ ଯିବା ପରେ କମ୍ପାନି ପ୍ରତ୍ୟେକ ଖୁଣ୍ଟ ପିଛା ଦୁଇ ହଜାର ଟଙ୍କା ଲେଖାଏଁ ହିସାବରେ ବିଲ୍ ପଠାଉଛି। ଏଣୁ ପ୍ରତ୍ୟେକ ମାସରେ ୪ ଲକ୍ଷରୁ ଅଧିକ ଟଙ୍କାର ବିଲ୍ ପୌର ପରିଷଦକୁ ଦେବାକୁ ହେଉଛି। ଏ ନେଇ ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର କୁହନ୍ତି, ଷ୍ଟ୍ରିଟ୍ ଲାଇଟ୍ ସହ ସମସ୍ତ ବିଭାଗ ବାକିର ହିସାବକୁ ନେଲେ ଏହି ବକେୟା ରାଶିର ପରିମାଣ ବଢ଼ିଯିବ। ନୟାଗଡ଼ ପୌର ପରିଷଦ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୪. ୭୬ ଲକ୍ଷ ଟଙ୍କା ବାକି ରଖିଛି। ଏ ନେଇ ସେମାନଙ୍କୁ ଯୋଗାଯୋଗ କରାଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ।



## ମା'ଙ୍କୁ ମାଡ଼ ମାରିବାରୁ ହିଂସା ବାପାଙ୍କୁ ପିଟି ହତ୍ୟା କଲେ ୩ ପୁଅ



କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ରେ ପରିବାରିକ କଳହ ଏକ ଭୟାବହ ଆକାର ନେଇ ଦୁଃଖଦ ଘଟଣାରେ ପରିଣତ ହୋଇଛି । ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡ଼ା ଗ୍ରାମପଞ୍ଚାୟତର କାଶୀବେଡ଼ା ଗ୍ରାମରେ ସୋମବାର ସକାଳେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, କାଶୀବେଡ଼ା ଗ୍ରାମର ସୁଲେ ଗଗରାଇ (୬୦) ପୂର୍ବରୁ ନିଜ ପରିବାର ସହିତ ପ୍ରାୟ ସମୟରେ ଗଣ୍ଡଗୋଳ କରୁଥିବା କୁହାଯାଏ । ସୋମବାର ସକାଳ ପ୍ରାୟ ୭ଟା ସମୟରେ କୌଣସି କାରଣକୁ ନେଇ ସେ ନିଜ ସ୍ତ୍ରୀଙ୍କୁ ମାଡ଼ ମାରି ଗୁରୁତର ଆହତ କରିଥିଲେ । ଏହି ଦୃଶ୍ୟ ଦେଖି ତାଙ୍କ ୩ ପୁଅ—ତୁରାମ, ଈଶ୍ୱର ଓ ପର୍ଶୁରାମ—କ୍ରୋଧାନ୍ୱିତ ହୋଇ ଏକତ୍ରିତ ଭାବେ ବାପାଙ୍କୁ ଠେଙ୍ଗା ଓ ବାଡ଼ି ସାହାଯ୍ୟରେ ପିଟିଥିଲେ । ଗୁରୁତର ଆଘାତ ପାଇ ସୁଲେ ଗଗରାଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ତାଙ୍କ ମୁହଁ, ମୁଣ୍ଡ, ହାତ ଓ ପାଦରେ ଗଭୀର ଆଘାତ ଲାଗିଥିବା ପୋଲିସ ଜଣାଇଛି । ଘଟଣା ପରେ, ତିନିଜଣ ପୁଅ ଆହତ ମାଆଙ୍କୁ ଚିକିତ୍ସା ପାଇଁ ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ । ପରେ ସେମାନେ ନିଜେ ଠାକୁରମୁଣ୍ଡା ଥାନାରେ ଯାଇ ଆତ୍ମସମର୍ପଣ କରିଥିଲେ । ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ସହିତ ଏସ୍‌ଆଇ ଅନିତା ସ୍ୱାଇଁ, ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ଓ ଏଏସଆଇ ଅମରେଶ ବାରିକ ଘଟଣାସ୍ଥଳରେ ପହଞ୍ଚିଥିଲେ । ବାରିପଦାରୁ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଏହା ସହିତ ୩ ପୁଅଙ୍କୁ ଥାନାରେ ଅଟକ ରଖାଯାଇଛି । ଠାକୁରମୁଣ୍ଡା ଥାନାରେ କେଶ ନମ୍ବର ୩୫/ ୨୬ ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ଏହି ଘଟଣା ପରିବାରିକ ହିଂସାର ଭୟାବହ ପରିଣାମକୁ ପୁନର୍ବାର ସ୍ପଷ୍ଟ କରିଦେଇଛି, ଯାହା ଅଞ୍ଚଳରେ ଚିନ୍ତାର ବିଷୟ ହୋଇଛି ।

## ଭିଆରଓ ଦ୍ୱାରା ସଫଳ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ




ଲାଞ୍ଜିଗଡ, (ମହାଭାରତ):ଗ୍ରାମାଞ୍ଚଳର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ ନେଇଁ କୁଆଁଗବସା ବିଶ୍ୱନାଥପୁର ଠାରେ ଅନେକ ସମୟରେ ଅନେକ ଧନ୍ଦାମୂଳକ ଶିକ୍ଷା ଭିଆରଓ ପକ୍ଷରୁ ପ୍ରଦାନ କରାଯାଉଛି । ପ୍ରତିଷ୍ଠା ଲାଭ କରିବା ଗ୍ରାମ୍ୟ ପୁନଃ ନିର୍ମାଣ ସଂସ୍ଥା ନିକଟସ୍ଥ ଗ୍ରାମ ଗୁଡ଼ିକରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ମହିଳା ଓ ଯୁବତୀଙ୍କୁ ସିଲାଇ,ଫିନାଇଲ ପ୍ରସ୍ତୁତି ସହ ବିଭନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିଆସୁଛି ଭିଆରଓ ।ସେହିପରି ଚଳିତ ବର୍ଷ କୁଆଁଗବସା ବିଶ୍ୱନାଥପୁର ଠାରେ ପାର୍ବତୀ ମହାରଣାଙ୍କ ନେତୃତ୍ୱରେ ରୀତା ଦଣ୍ଡସେନା(ପ୍ରତାପ ପୁର), ଗାୟତ୍ରୀ କରୁଆଁ(ମେଲଘୁଟୁ),ନମିତା ତାଣ୍ଡି(ଦୂରଭଟା), କରିନା ଗଣ୍ଡା(ସାଙ୍କୁଳି ପଦର), ଦମୟନ୍ତୀ ମାଝୀ(କାଠସମା), ପଦ୍ମିନୀ ବେହେରା(ଡୁମେରମୁଣ୍ଡା), ମାନିନୀ ବେହେରା(ଇଜୁରୂପା),ମିନର୍ଭା ସାହୁ(ଭିରକାପଡ଼ା)ଙ୍କ ଅଧୀନରେ ଦଶ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ । ଏନେଇ ସୋମବାର ଉକ୍ତ କୁଆଁଗବସା ବିଶ୍ୱନାଥପୁର ଠାରେ ସଂଯୋଜିକା ପାର୍ବତୀ ମହାରଣାଙ୍କ ସଭାପତିତ୍ୱରେ ଏକ ବାର୍ଷିକ ପ୍ରମାଣ ପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଂସ୍ଥାର ଆଞ୍ଚଳିକ ମହାପ୍ରବନ୍ଧକ ଫାଦର ଜର୍ଜ ଆନେ୍ଟାନୀ,କମଳାକାନ୍ତ ରାଜ୍,ଫାଦର ମାରିଆନୟଗମ୍,ମିଷ୍ଟର ଫିଟର ବସ୍କୋ ସମେତ ମିସ ନିର୍ମଳା ଯୋଗଦେଇ ସମସ୍ତ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଶେଷରେ ସଂଯୋଜିକା ପାର୍ବତୀ ମହାରଣା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣିଆରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର




ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଦିନ ଗଣିଆ ବ୍ଲକ ପରିସରରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ମଧୁମିତା ରଥ ଯୋଗ ଦେବା ସହିତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଶୁଣାଣି କରିଥିଲେ । ଆଜିର ଏହି ଶିବିରରେ ସମୁଦାୟ ୬୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ଅନେକ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି । ବ୍ୟକ୍ତିଗତ ସମସ୍ୟା ୫୫ ଜଣ ଆବେଦନକାରୀ ନିଜର ଭତ୍ତା, ଆବାସ ଯୋଜନା ଓ ଅନ୍ୟାନ୍ୟ ବ୍ୟକ୍ତିଗତ ସୁବିଧା ପାଇଁ ଆବେଦନ କରିଥିଲେ । ସାମୂହିକ ସମସ୍ୟା ୧୧ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟା ଯଥା ରାସ୍ତାଘାଟ, ପାନୀୟ ଜଳ ଓ ବିଦ୍ୟୁତ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେଥିମଧ୍ୟରୁ ତୁରନ୍ତ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇ ଘଟଣାସ୍ଥଳରେ ହିଁ ୧୯ଟି ମାମଲାର ସମାଧାନ କରାଯାଇଛି । ଏହି ଶିବିରରେ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବୁଝିବା ସହ ବାକି ରହିଥିବା ଅଭିଯୋଗ ଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ସୁର୍କାବାଡ଼ି ଓ କାସନ୍ଦା ପଞ୍ଚାୟତରେ ବଢ଼ୁଛି ରନ୍ଧା ଚୋରା ଦେଶୀ ମଦ କାରବାର : ହାତ ବାନ୍ଧି ବସିଛି ଅବକାରୀ ଏବଂ ପୋଲିସ ବିଭାଗ




ରଣପୁର, ( ମହାଭାରତ ) : ନୟାଗଡ ଜିଲ୍ଲା ରଣପୁର ଉପଖଣ୍ଡରେ ଚୋରା ଦେଶୀ ମଦ କାରବାର ଦିନ କୁ ଦିନ ବୃଦ୍ଧି ପାଉଛି । ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ଠିକ୍ ଭାବେ ଚଢ଼ାଉ କରାଯାଉ ନ ଥିବା ଯୋଗୁଁ ଅସାଧୁ ଚୋରା ମଦ ବ୍ୟବସାୟୀ ମାନେ ଖୁଲମଖୁଲା ଭାବେ ଏହି ଚୋର ଦେଶି ମଦ କାରବାର ଚଳାଇଛନ୍ତି । ଏପରି କି ଅବକାରୀ ବିଭାଗର ଜଣେ ପୁରୁଣା କର୍ମଚାରୀଙ୍କୁ ହାତ କରି ଦୈନିକ ଦେଶୀ ମଦ ଭାଟି କର୍ମଚାରୀ ମାନେ ବାଇକ୍ ? ଯୋଗେ ବିଭିନ୍ନ ଗ୍ରାମକୁ ଚୋରା ମଦ ଚାଲାଣ କରୁଥିବା ସାଧାରଣରେ ଅଭିଯୋଗ ହେଉଛି । ବିଶେଷ କରି ସୁର୍କାବାଡ଼ି ଏବଂ କାସନ୍ଦା ଅଞ୍ଚଳରେ ଏହି ହାତ ରନ୍ଧା ଚୋରା ଦେଶୀ ମଦ କାରବାର ବୃଦ୍ଧି ପାଉଛି । ସୁର୍କାବାଡ଼ି ଏବଂ କାସନ୍ଦା ର କେତେଜଣ ଚୋରା ମଦ ବ୍ୟବସାୟୀ ବିଭିନ୍ନ ଗୁପ୍ତ ସ୍ଥାନ ଜଙ୍ଗଲ ଭିତରେ ପ୍ରଶାସନକୁ ବେଖାତିରି କରି ଖୁଲମ ଖୁଲା ଦେଶୀ ମଦ ରାନ୍ଧି ବ୍ୟବସାୟ କରୁଛନ୍ତି । ହେଲେ ଅବକାରୀ ବିଭାଗ ପକ୍ଷରୁ ଅନ୍ୟ କେଉଁଠି କାଁ ଭାଁ ଚଢାଉ କରାଯାଉଛି ହେଲେ ଏହି ଦୁଇ ଅଞ୍ଚଳରେ ଚଢ଼ାଉ କରିବାକୁ ମନ ବଳାଉ ନାହାନ୍ତି । ଅତି ନିକଟରେ ଥାନା, ଫାଣ୍ଡି ଓ ଅବକାରୀ ବିଭାଗ ଥାଇ ମଧ୍ୟ ନ ଜାଣିଲା ପରି ଚୁପ ରହୁଛନ୍ତି । ଯାହା ଫଳରେ ନୟାଗଡ ଜିଲ୍ଲା ଅବକାରୀ ବିଭାଗକୁ ଚାଲେଞ୍ଜ କରି ଖୋର୍ଦ୍ଧା ବେଗୁନିଆ ଅବକାରୀ ବିଭାଗ ଧର୍-ପଗଡ଼ କରୁଥିବା ଜଣାପଡିଛି । ସାମାଜିକ କର୍ମୀ ମାନେ କହିଛନ୍ତି ବିଭାଗ ତରଫରୁ ଠିକ୍ ଭାବେ ଚଢ଼ାଉ କରାଯାଉନି ଏବଂ ବିଦ୍ୟାଳୟ ନିକଟରେ ଚୋରା ଦେଶୀ ମଦ ବିକ୍ରି ହେଉଛି । ଠିକ୍ ଭାବେ ଚଢାଉ ହେଉ ନ ଥିବା ଯୋଗୁଁ ଗ୍ରାମାଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଛି । ଏଥିପ୍ରତି ପୁଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେବା ଆବଶ୍ୟକତା ରହିଛି । ଏହି ଚୋରା ଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଉ ନଥିବା ବେଳେ ହାତଗୁଞ୍ଜା ଦେଉନଥିବା କିଛି ଛୋଟ ବ୍ୟବସାୟୀଙ୍କୁ ଗିରଫ କରି କାମ ସାରି ଦେଉଛନ୍ତି ଅବକାରୀ ଓ ପୁଲିସ ବିଭାଗ । ବିଭାଗୀୟ ଅଧିକାରୀ ମାନେ ଚାହିଁଲେ ଏହି ବ୍ୟବସାୟକୁ ରୋକା ଯାଇପାରିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି ।

## ଭାଜପା ପକ୍ଷରୁ ପୌରାଞ୍ଚଳ ମିଶ୍ରଣ ପର୍ବ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଖଞ୍ଜା ସାହି ଠାରେ ଭାରତୀୟ ଜନତା ପାର୍ଟିର ନୂତନ କାର୍ଯ୍ୟାଳୟ ଠାରେ ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ନବ କିଶୋର ଶବରଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ବିଧାୟକ କେ. ନାରାୟଣ ରାଓ ମଞ୍ଚାସୀନ ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଇ. ପ୍ରଶାନ୍ତ, ନଗର ସଭାପତି ବାଳକୃଷ୍ଣ ପାତ୍ର, ପୂର୍ବତନ କାଶୀନଗର ବ୍ଲକ ଅଧ୍ୟକ୍ଷ ଚିତ୍ରି ସୀମାଦ୍ରୀ, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ ଓ ଯୁବ ନେତା କେ. ଜୀବନ ପ୍ରମୁଖ ଉପସ୍ଥିତ ଥିଲେ । ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନରେଶ ସାହୁ ଙ୍କ ନେତୃତ୍ୱରେ ପୌରାଞ୍ଚଳ ଅନ୍ତର୍ଗତ ୧୦, ୧୧,୧୨, ୧୩ ୱାର୍ଡ ଗୁଡ଼ିକ ରୁ ଶତାଧିକ ବିଭିନ୍ନ ଦଳର କର୍ମୀ ଓ ସାଧାରଣ ଲୋକେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ।

# ମାଲକାନଗିରିରେ ଜନଗଣନା-୨୦୨୭ ପ୍ରସ୍ତୁତି ଜୋରଦାର




ମାଲକାନଗିରି, (ମହାଭାରତ) : ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା-୨୦୨୭ କୁ ସଫଳ କରିବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି କ୍ରମରେ ଆଜି ମାଲକାନଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମାଲକାନଗିରି ତହସିଲ (ଗ୍ରାମାଞ୍ଚଳ) ଅଧୀନରେ ଥିବା ଏନୁମେରେଟର (ପ୍ରଗଣକ) ଏବଂ ସୁପରଭାଇଜର (ପର୍ଯ୍ୟବେକ୍ଷକ) ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଥମ ବ୍ୟାଚ୍ ତାଲିମ ଶିବିର ସଫଳତାର ସହ ଶେଷ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଜନଗଣନା ଅଧିକାରୀ ମୁନା ତୁରୁକ ଏବଂ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଫିଲ୍ଡ ଟ୍ରେନର ଭାବେ ଭାଗ୍ୟରଞ୍ଜନ ଲେଙ୍କା ଓ ହରପ୍ରସାଦ ମହାପାତ୍ର ଯୋଗଦେଇ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହର ବୈଷୟିକ କୌଶଳ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ସମଗ୍ର ମାଲକାନଗିରି ଜିଲ୍ଲାରେ ଜନଗଣନା କାର୍ଯ୍ୟ ପାଇଁ ମୋଟ ୧୨୬୯ ଜଣ ଏନୁମେରେଟର ଏବଂ ୨୨୭ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ଆଜି ମାଲକାନଗିରି ତହସିଲ ପାଇଁ ଏହି ପ୍ରଶିକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ପର୍ଯ୍ୟାୟ କ୍ରମେ ଜିଲ୍ଲାର ଅନ୍ୟ ସମସ୍ତ ତହସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତା ଏପ୍ରିଲ ୧ ରୁ ଏପ୍ରିଲ ୧୫ ମଧ୍ୟରେ ନାଗରିକମାନେ ନିଜେ ସ୍ୱର.ମରଭସ୍ୱଙ୍କସ୍ୱ.ଶକ୍ଟଙ୍ଗ.ସଭ ପୋର୍ଟାଲରେ ନିଜର ତଥ୍ୟ ପଞ୍ଜିକୃତ କରିପାରିବେ । ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଶିକ୍ଷିତ ଏନୁମେରେଟର ମାନେ ଘରକୁ ଘର ବୁଲି ଡିଜିଟାଲ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ ।ଏଥର ଜନଗଣନାରେ କୌଣସି କାଗଜ କାର୍ଯ୍ୟ ହେବ ନାହିଁ, ସମସ୍ତ ତଥ୍ୟ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ ।ଆମର ଜନଗଣନା, ଆମର ବିକାଶ ବାର୍ତ୍ତା ଜରିଆରେ ସଠିକ୍ ଓ ନିରପେକ୍ଷ ତଥ୍ୟ ପ୍ରଦାନ କରି ଦେଶ ଗଠନରେ ସାମିଲ ହେବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ସଠିକ୍ ଜନଗଣନା ହିଁ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣକାରୀ ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

## ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ବିଶେଷ ମନିଟରଙ୍କ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ସେମିଳିଗୁଡ଼ା, (ମହାଭାରତ) : ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ବିଶେଷ ମନିଟରଙ୍କ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ, ମାନବାଧିକାର ଶିକ୍ଷା ଉପରେ ଗୁରୁତ୍ୱ ବିଶ୍ୱବିଦ୍ୟାଳୟରେ ସ୍ଥାପିତ ହେବ ମାନବାଧିକାର କେନ୍ଦ୍ର: କୁଳପତି ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ମାନବାଧିକାର ସମ୍ପର୍କିତ ସଚେତନତା ଓ ଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ରାଷ୍ଟ୍ରୀୟ ମାନବାଧିକାର ଆୟୋଗ (ଏନଏଚଆରସି)ର ବିଶେଷ ମନିଟର ପ୍ରଫେସର କାନେହୟା ତ୍ରିପାଠୀ ରବିବାର ୨୨ ମାର୍ଚ୍ଚ ୨୦୨୪ରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରିଦର୍ଶନ କରିଥିଲେ । ଏହି ଅବସରରେ ପ୍ରଫେସର ତ୍ରିପାଠୀ, କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, କୁଳସଚିବ ଡ଼. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଶ୍ରୀ ଦୁର୍ଯ୍ୟୋଧନ ସେଠୀ, ଆଣ୍ଟି-ର୍ୟାଗିଂ କମିଟି ଅଧ୍ୟକ୍ଷ ଡ଼. ରଥୀକାନ୍ତ କୁମ୍ଭାର, ଡିଏସଡବ୍ଲ୍ୟୁ ଡ଼. ରମେନ୍ଦ୍ର କୁମାର ପାଢୀ, ମୁଖ୍ୟ ୱାର୍ଡେନ ଡ଼. ନିର୍ଝରିଣୀ ତ୍ରିପାଠୀ, ଆଇସିସି ପ୍ରେସାଇଡିଂ ଅଫିସର ଡ଼. ମିନତି ସାହୁ ଓ ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇଙ୍କ ସମେତ ପ୍ରଫେସର, ବିଭାଗମୁଖ୍ୟ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ ।ସଭାକୁ ସମ୍ବୋଧିତ କରି ପ୍ରଫେସର ତ୍ରିପାଠୀ ମାନବାଧିକାର ଓ ମାନବୀୟ ମର୍ଯ୍ୟାଦାର ଅବିଚ୍ଛେଦ୍ୟ ସମ୍ପର୍କ ଉପରେ ଗୁରୁତ୍ୱ ଦେଇ କହିଥିଲେ, "ବ୍ୟକ୍ତିର ପରିଚୟ, ମର୍ଯ୍ୟାଦା ଓ ଅଧିକାର ମାନବାଧିକାର ସହ ଗଭୀର ଭାବେ ଜଡିତ, ଏହି ସଚେତନତା ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ସମସ୍ତ ହିତାଧିକାରୀଙ୍କ ନିକଟକୁ ପହଞ୍ଚିବା ଆବଶ୍ୟକ ।" ସେ ଆହୁରି କହିଥିଲେ, "ଦେଶର ସମଗ୍ର ଉନ୍ନତି ପାଇଁ ମହିଳା ଓ ଦୁର୍ବଳ ବର୍ଗ ପ୍ରତି ଆମର ମନୋଭାବର ପରିବର୍ତ୍ତନ ଆବଶ୍ୟକ ।" ଶିକ୍ଷାନୁଷ୍ଠାନର ଭୂମିକା ଉଲ୍ଲେଖ କରି ସେ କହିଥିଲେ, "ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏହି ଅଞ୍ଚଳରୁ ମାନବାଧିକାର ଶିକ୍ଷାକୁ ପ୍ରସାର କରିବାରେ ଏକ ମୁଖ୍ୟ ଭୂମିକା ନିଭାଇପାରିବ ।" ସେ ମାନବାଧିକାର କେନ୍ଦ୍ର ସ୍ଥାପନ, ଡିଗ୍ରୀ ଓ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ, ବହୁ-ଶାଖାଭିତ୍ତିକ କୋର୍ସ, ମାନବାଧିକାର କ୍ଲବ ଗଠନ ସହିତ ଜର୍ନାଲ, ସେମିନାର, ସମ୍ମିଳନୀ ଓ କାର୍ଯ୍ୟଶାଳା ଆୟୋଜନ ପାଇଁ ପ୍ରସ୍ତାବ ରଖିଥିଲେ ।ବିଭାଜନମୂଳକ ଧାରଣାକୁ ନିନ୍ଦା କରି ପ୍ରୋଫେସର ତ୍ରିପାଠୀ କହିଥିଲେ, "ଆମେ 'ସାଧୁବାଦ'କୁ ଅଙ୍ଗୀକାର କରିବା ଉଚିତ, ଯାହା କରୁଣା ଓ ପରସ୍ପର ସମ୍ମାନ ମାଧ୍ୟମରେ ମାନବୀୟ ମୂଲ୍ୟବୋଧ ଓ ଅଧିକାରକୁ ପ୍ରଚାର କରେ ।" ସେ ଆହୁରି କହିଥିଲେ, "ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅଧିକାର ସୁରକ୍ଷା କରିବାର ଅଧିକାର ଅଛି, କିନ୍ତୁ ଅନ୍ୟମାନଙ୍କର ଅଧିକାରକୁ ସମ୍ମାନ ଓ ସୁରକ୍ଷା କରିବା ସମାନ ଭାବେ ଦରକାର ।"ଆଲୋଚନା ସମୟରେ ଶିକ୍ଷକମାନେ ଶିକ୍ଷା ପରିବେଶରେ ମାନବାଧିକାର ସମ୍ପର୍କିତ କିଛି ସମସ୍ୟା ଉଠାଇଥିଲେ । ଏହାର ପ୍ରତିଉତ୍ତରରେ ପ୍ରଫେସର ତ୍ରିପାଠୀ ସମସ୍ତ ସମସ୍ୟାକୁ ରଚନାତ୍ମକ ଭାବେ ସମାଧାନ କରି ସଂସ୍ଥାଗତ ଉନ୍ନତିକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମର ଶେଷରେ କୁଳପତି ପ୍ରଫେସର ପଣ୍ଡା ଘୋଷଣା କରିଥିଲେ ଯେ ବିଶ୍ୱବିଦ୍ୟାଳୟ ମାନବାଧିକାର ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ । ସେ କହିଥିଲେ, "ଆସନ୍ତା ବର୍ଷ ମଧ୍ୟରେ ମାନବାଧିକାର କେନ୍ଦ୍ର ସ୍ଥାପନ କରିବା ସହ ଏହି କ୍ଷେତ୍ରରେ ଡିଗ୍ରୀ, ଡିପ୍ଲୋମା ଓ ସର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ କରାଯିବ । ସେହିପରି ସମ୍ମିଳନୀ, ସେମିନାର ଓ ଏକ ନିର୍ଦ୍ଦିଷ୍ଟ ଜର୍ନାଲ ମଧ୍ୟ ଆରମ୍ଭ କରାଯିବ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା,ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ରାୟଗଡ଼ ବ୍ଲକ ପଞ୍ଚାୟତ ସମିତିର ସମୁଦାୟ ମୋଟ- ୫୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୪ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା - ୩୮ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।

# ଭତ୍ତା ପାଇଁ ଧାଡ଼ିରେ ୧୪ ହଜାର ହିତାଧିକାରୀ : ଜଣେ ମଲେ ଆଉ ଜଣେ ପାଇବ ଭତ୍ତା, ଦିବ୍ୟାଙ୍ଗ ଭତ୍ତାରେ ବହୁ କେଳେଙ୍କାରୀ




ନୟାଗଡ଼, (ମହାଭାରତ): ନୟାଗଡ଼ ଜିଲ୍ଲାରେ ବିଭିନ୍ନ ଯୋଜନାରେ ମିଳୁଥିବା ସରକାରୀ ଭତ୍ତା କୁ ନେଇ ଏବେ ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି । ବର୍ଷ ବର୍ଷ ଧରି ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରି ଅପେକ୍ଷା କରି ବସିଛନ୍ତି ୧୪ ହଜାରରୁ ଅଧିକ ହିତାଧିକାରୀ । ସ୍ଥାନୀୟ ବ୍ଲକ୍‌ରୁ ଆରମ୍ଭକରି ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ, ସେମାନେ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । ଭତ୍ତା ପାଉଥିବା ଅନ୍ୟ ହିତାଧିକାରୀ ମାନଙ୍କ ମଧ୍ୟରୁ କାହାରି ମୃତ୍ୟୁ ହେଲେ, ସେମାନଙ୍କ ନାମ ସାମିଲ କରା ?ଯିବ ବୋଲି ଉତ୍ତର ମିଳୁଛି । ଫଳରେ କେବଳ ଅପେକ୍ଷା କରିବା ଛଡ଼ା, ଏହି ହିତାଧିକାରୀ ମାନଙ୍କ ନିକଟରେ ଆଉ କୌଣସି ବିକଳ୍ପ ନାହିଁ । ମିଳିଥିବା ସୂଚନା ମୁତାବକ, ଉଭୟ କେନ୍ଦ୍ର ସରକାରଙ୍କ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଓ ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ମୋଟ୍ ୧, ୦୨,୫୬୮ ଜଣ ଭତ୍ତା ପାଉଛନ୍ତି । ସେଥିମଧ୍ୟରୁ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ୍ ଯୋଜନାରେ ୬୬,୧୭୯ ଜଣ ଓ ଇନ୍ଦିରା ଗାନ୍ଧୀ ପେନସନ୍ ଯୋଜନାରେ ୩୬,୩୮୯ ଜଣ ହିତାଧିକାରୀ ସାମିଲ ହୋଇଛି । ଏହାସହ ଉଭୟ ଯୋଜନାରେ ମୋଟ୍ ୧୨,୦୨୮ ଜଣ ୮୦ ବର୍ଷରୁ ଅଧିକ ହିତାଧିକାରୀ ଭତ୍ତା ନେଉଛନ୍ତି । ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆହୁରି ୧୪, ୨୩୦ ଜଣ ହିତାଧିକାରୀ ଭତ୍ତା ପାଇବାକୁ ଆବେଦନ କରି ଅପେକ୍ଷା କରି ରହିଛନ୍ତି । ବର୍ଷ ବର୍ଷ ଗଡ଼ି ଯାଉଥିଲେ ମଧ୍ୟ ସେମାନଙ୍କ ନାଁ ତାଲିକାକୁ ଆସୁନାହିଁ । ଅନ୍ୟପଟେ କିନ୍ତୁ ଭତ୍ତା ପ୍ରଦାନରେ ଜାଲିଆତି କରାଯାଉଥିବା ଯୋଗୁଁ ବହୁ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହୋଇପାରୁ ନଥିବା ଅଭିଯୋଗ ହୋଇଛି । ରଣପୁର ବ୍ଲକ୍‌ର ରାଜଜଙ୍କିଆ ପଞ୍ଚାୟତକୁ ଉଦାହରଣ ଭାବେ ନେଲେ ଏହି ଚିତ୍ର ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ । ରାଜଜଙ୍କିଆ ଗାଁର ହରି ଦାସଙ୍କର ଗତବର୍ଷ ମାର୍ଚ୍ଚ ୧୫ ତାରିଖ, ସେହି ମାସ ୨୮ରେ ହୃଦାନନ୍ଦ ସାମନ୍ତରାୟ, ମେ ୪ରେ ଜହ୍ନ ବେଓ୍‌ବା, ଅପ୍ରେଲ ୨୧ରେ ରମ୍ଭା ପଲେଇ ଓ ଜୁନ୍ ୨୦ରେ ସିଦ୍‌ଧେଶ୍ୱର ମାଝୀଙ୍କ ମୃତ୍ୟୁ ହୋଇଛି । ମାତ୍ର ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଭତ୍ତା ଟଙ୍କା ଦିଆଯାଉଥିଲା । ଗତ ଅଗଷ୍ଟରେ ମୃତ ହିତାଧିକାରୀ ଚିହ୍ନଟ କରାଗଲା, ସେତେ ବେଳେ ଏ ସଂକ୍ରାନ୍ତରେ ଜଣାପଡ଼ିଲା । ଏହାପରେ ହିଁ ସେମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଗଲା । କେବଳ ଏହି ଗୋଟିଏ ପଞ୍ଚାୟତ ନୁହେଁ ବ୍ଲକ୍ ର ସମସ୍ତ ପଞ୍ଚାୟତରେ ଏମିତି କେଳେଙ୍କାରୀ ହୋଇଥିବା ଧରାପଡ଼ିଛି । ଅଢ଼େଇ ମାସ ମଧ୍ୟରେ ପାୟ ୧୫ ଶହରୁ ଅଧିକ ମୃତ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା । ସେହିପରି ଭାପୁର ବ୍ଲକ୍ ଶାଳପଡ଼ା ପଞ୍ଚାୟତର ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କ ଭତ୍ତା ଟଙ୍କା ବନ୍ଦ କରାଯିବା ସହିତ ସେମାନଙ୍କର ପ୍ରମାଣପତ୍ର ଓ ଆଧାର କାର୍ଡ ତଦନ୍ତ ପାଇଁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୪୮ ଜଣଙ୍କ ନକଲି ପ୍ରମାଣପତ୍ର ଦେଇ ଦିବ୍ୟାଙ୍ଗ ଭତ୍ତା ମାସିକ ୩ ହଜାର ୫୦୦ ଟଙ୍କା ହାତେଇଥିବା ଜଣାପଡ଼ିଛି । କେବଳ ଏହି ଦୁଇଟି ବ୍ଲକ୍ କାହିଁକି ଜିଲ୍ଲାର ସମସ୍ତ ୮ଟି ଯାକ ବ୍ଲକ୍ ?ରେ ଏହି ଦୁର୍ନୀତିର ତାଲିକା ବହୁତ ଲମ୍ବା । ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି ।

## କ୍ରେଡିଟ୍ କାର୍ଡରେ ଦୁବାଇରେ ସମ୍ପତ୍ତି କିଣିଥିବା ଭାରତୀୟଙ୍କୁ ଇଡି ନୋଟିସ୍

ନୂଆଦିଲ୍ଲୀ: କ୍ରେଡିଟ୍ କାର୍ଡ ଜରିଆରେ ଦୁବାଇରେ ସମ୍ପତ୍ତି କିଣିଥିବା କେତେକ ଭାରତୀୟଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୋଟିସ୍ କରିଛି। ଫେବୃଆରି ମାସରେ ଅତିକମ୍‌ରେ ୩ ଜଣଙ୍କୁ ନୋଟିସ୍ ଦିଆଯାଇଛି। ଦୁବାଇରେ କ୍ରୟ କରାଯାଇଥିବା ସମ୍ପତ୍ତି ପାଇଁ ଟଙ୍କା କେଉଁ ସୂତ୍ରରୁ ଦିଆଯାଇଛି ତାହା ଇଡି ଜାଣିବାକୁ ଚାହିଁଛି। ଦୁବାଇ ଗସ୍ତ ସମୟରେ ଯେଉଁମାନେ ସମ୍ପତ୍ତି କିଣି ସେବାବଦର ପ୍ରାରମ୍ଭିକ ଅର୍ଥ ପ୍ରଦାନ କରିଛନ୍ତି ବା ୟୁଏଇର ସମ୍ପତ୍ତି ବିକ୍ରେତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପେମେଣ୍ଟ ଲିଙ୍କ୍‌ରେ କ୍ଲିକ୍ କରି ଅର୍ଥ ପୈଠ କରିଛନ୍ତି ସେମାନେ ଇଡି ରାଡାରରେ ରହିଛନ୍ତି। କାରଣ ବିଦେଶୀ ସମ୍ପତ୍ତି କିଣିବା ପାଇଁ ଋଣ କରିବା ଲାଗି ଭାରତୀୟ ଆଇନରେ ଅନୁମତି ନାହିଁ।



କ୍ରେଡିଟ୍ କାର୍ଡରେ ଅର୍ଥ ପ୍ରଦାନ ସ୍ୱଳ୍ପ ମିଆଦୀ ଋଣ ଭାବେ ବିବେଚନା କରାଯାଇଥାଏ। ରିଜର୍ଭ ବ୍ୟାଙ୍କର ଏଲ୍‌ଟିଏସ୍ (ଲିବରାଲାଇଜଡ୍ ରେମିଟାନ୍ସ ସ୍କିମ୍)ରେ ଜଣେ ବ୍ୟକ୍ତି ବିଦେଶରେ ଷ୍ଟକ୍ କିମ୍ବା ସମ୍ପତ୍ତି କିଣିପାରିବ। କିନ୍ତୁ ଏଥିପାଇଁ ଅଫିସିଆଲ ବ୍ୟାଙ୍କିଂ ଚାନେଲ୍‌ରେ ଟିକସ ବାବଦ ରାଶି ଦେବାପରେ ଏହା କରିପାରିବେ। ଇଡି ନୋଟିସ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଏହି ତଦନ୍ତକାରୀ ସଂସ୍ଥାଠାରୁ କ୍ଷମା ଚାହିଁଛନ୍ତି। ସେମାନେ ଏହି କାରବାରକୁ ଠିକ୍ କରିବା ପାଇଁ ଜରିମାନା ଦେବାକୁ ପ୍ରସ୍ତୁତ ଥିବା କୁହାଯାଉଛି। ତେବେ ବିଦେଶରେ ସମ୍ପତ୍ତି କିଣିବା ପାଇଁ କ୍ରେଡିଟ୍ କାର୍ଡ ବ୍ୟବହାର ନିୟମ ସଂପର୍କରେ ଅବଗତ ନଥାଇ ଏହା କରିଥିବା ବ୍ୟକ୍ତିମାନଙ୍କୁ ନୋଟିସ୍ ଦିଆଯାଇଛି ବୋଲି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଫାର୍ମ ଜୟନ୍ତୀଲାଲ ଠକ୍କର ଆଣ୍ଡ କମ୍ପାନିର ପାର୍ଟନର ରାଜେଶ ଶାହ କହିଛନ୍ତି। ସଂପୃକ୍ତ ବ୍ୟକ୍ତିମାନଙ୍କୁ ଏଥିପାଇଁ ରିଜର୍ଭ ବ୍ୟାଙ୍କକୁ ଆବେଦନ କରିବାକୁ ପଡ଼ିବ। ସେମାନଙ୍କ ଟଙ୍କା ଆଇନଗତ ହୋଇଥିବା ବେଳେ ପେମେଣ୍ଟ ମୋଡ୍ ଭୁଲ୍ ଥିବାରୁ ରିଜର୍ଭ ବ୍ୟାଙ୍କ ଏ ନେଇ କୋହଳ ମନୋଭାବ ପୋଷଣ କରିପାରେ। ଅଧିକାଂଶ ସମୟରେ ନିୟମ ନଜାଣି ଭାରତୀୟମାନେ ବିଦେଶରେ ସମ୍ପତ୍ତି କିଣି ଅସୁବିଧାରେ ପଡ଼ିଥାନ୍ତି ବୋଲି ଶ୍ରୀ ଶାହ କହିଛନ୍ତି।

## ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଅଶୋଧିତ ତେଲ ୯୬ ଡଲାରକୁ କମିଲା




ନୂଆଦିଲ୍ଲୀ: ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ନେଇ ଦେଇଥିବା ଧମକକୁ ୫ ଦିନ ପାଇଁ ସ୍ଥଗିତ ରଖିଛନ୍ତି। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ତଳକୁ ଖସିଛି। ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ ୧୫ ପ୍ରତିଶତ ହ୍ରାସ ପାଇ ୯୬ ଡଲାରକୁ ଆସିଯାଇଥିବା ବେଳେ ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ ଦର ୧୩.୫ ପ୍ରତିଶତ ହ୍ରାସ ଘଟି ୮୫.୨୮ ଡଲାରରେ ରହିଛି। ହର୍ମୁଜ ପ୍ରଣାଳୀକୁ ସଂପୂର୍ଣ୍ଣ ନଖୋଲିଲେ ଆମେରିକା ଇରାନର ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ କରିବେ ବୋଲି ଟ୍ରମ୍ପ ପୂର୍ବରୁ ଚରମ ବାଣୀ ଦେଇଥିଲେ। ଏଥିପାଇଁ ଇରାନକୁ ୪୮ ଘଣ୍ଟା ସମୟସୀମା ଦେଇଥିଲେ। ତେବେ ଇରାନର ରିଭୋଲ୍ୟୁସନାରି ଗାର୍ଡ ଟ୍ରମ୍ପଙ୍କ ମନ୍ତବ୍ୟକୁ ଖାତିର ନକରି ଇସ୍ରାଏଲର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିବ ବୋଲି କହିଥିଲା। କିନ୍ତୁ ବର୍ତ୍ତମାନ ସେହି ଆଶଙ୍କା ୫ ଦିନ ପାଇଁ ଟଳିଯାଇଛି। ଉଲ୍ଲେଖଯୋଗ୍ୟ, ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପାଖାପାଖି ୨୦ ପ୍ରତିଶତ ଅଶୋଧିତ ତେଲ ଏବଂ ପ୍ରାକୃତିକ ଗ୍ୟାସ୍ ବଜାରକୁ ଆସିଥାଏ। ଏହା ପ୍ରାୟତଃ ବନ୍ଦ ହୋଇଯାଇଛି। ଶତ୍ରୁପକ୍ଷ ଦେଶର ଜାହାଜକୁ ଆକ୍ରମଣ ଧମକ ଇରାନ ଦେବା ପରେ ଜାହାଜ ଚଳାଚଳ ପ୍ରାୟତଃ ଠପ୍ ହୋଇଯାଇଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ମଧ୍ୟପ୍ରାଚ୍ୟରେ ଦୈନିକ ୭ ନିୟୁତରୁ ୧୦ ନିୟୁତ ବ୍ୟାରେଲ ଅଶୋଧିତ ତେଲ ଉତ୍ପାଦନ ହୋଇଥାଏ। ଭାରତ ବି ମଧ୍ୟପ୍ରାଚ୍ୟ ବଜାର ଉପରେ ଏହାର ତେଲ ଏବଂ ଗ୍ୟାସ ଆବଶ୍ୟକତା ପୂରଣ ପାଇଁ ବହୁମାତ୍ରାରେ ନିର୍ଭର କରିଥାଏ।

## ତାମିଲନାଡୁରେ ଏନ୍‌ଡିଏ-ଏଆଇଏଡିଏମ୍‌କେ ଆସନ ବୁଝାମଣା ଚୂଡ଼ାନ୍ତ

ଚେନ୍ନାଇ : ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଏନ୍‌ଡିଏ ଆଜି ରାଜ୍ୟରେ ଏଆଇଏଡିଏମ୍‌କେ ସହ ଆସନ ବୁଝାମଣା ଚୂଡ଼ାନ୍ତ କରିଛି। ବୁଝାମଣା ଅନୁଯାୟୀ ରାଜ୍ୟରେ ମୋଟ୍ ୨୩୪ ବିଧାନସଭା ଆସନରୁ ଏଆଇଏଡିଏମ୍‌କେ ୧୭୮ ଆସନରେ ନିର୍ବାଚନ ଲଢ଼ିବ ଏବଂ ବିଜେପି ୨୭ ଆସନରେ ଲଢ଼ିବ। ଅନ୍ୟ ମେଣ୍ଟ ସହଯୋଗୀ ପିଏମ୍‌କେକୁ ୧୮ ଆସନ ମିଳିଥିବାବେଳେ ଏଏମ୍‌ଏମ୍‌କେକୁ ୧୧ ଆସନ ମିଳିଛି। ଏଆଇଏଡିଏମ୍‌କେ ନେତା ଇକେ ପଲାନିସ୍ୱାମୀ କହିଛନ୍ତି, ମେଣ୍ଟରେ କଥାବାର୍ତ୍ତା ସୁରୁଖୁରୁରେ ସମ୍ପାଦନ ହୋଇଛି ଏବଂ ସଂଖ୍ୟାଗୁଡ଼ିକ ଔପଚାରିକ ଭାବେ ଚୂଡ଼ାନ୍ତ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଏନ୍‌ଡିଏକୁ 'ବିଜୟ ମେଣ୍ଟ' କହି ଇପିଏସ୍ ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି ଯେ ରାଜ୍ୟରେ ଏଆଇଏଡିଏମ୍‌କେ ସହ ଏନ୍‌ଡିଏ ମେଣ୍ଟର ବିଜୟ ହେବ ଏବଂ ଏହା ସରକାର ଗଠନ କରିବ। ମେଣ୍ଟ ସରକାର ସଂକ୍ରାନ୍ତରେ ଏକ ପ୍ରଶ୍ନର ଉତ୍ତର ରଖି ଇପିଏସ୍ କହିଛନ୍ତି, ଏଆଇଏଡିଏମ୍‌କେ ନିଜେ ସରକାର ଗଠନ କରିବ ଏବଂ ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଇତି ମଧ୍ୟରେ ବିଜେପି ତାମିଲନାଡୁ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଚଳିତ ବିଧାନସଭା ନିର୍ବାଚନରେ ତାମିଲନାଡୁ ଲୋକମାନେ ଡିଏମ୍‌କେ -କଂଗ୍ରେସ ମେଣ୍ଟକୁ ପ୍ରତ୍ୟାଖ୍ୟାନ କରିବେ। ସେ କହିଛନ୍ତି, ତାମିଲନାଡୁକୁ ଅତ୍ୟନ୍ତ ଜଟିଳ ସମୟକୁ ନେଇ ଯାଇଥିବା ମନ୍ଦଶକ୍ତି ଡିଏମ୍‌କେ ବିରୋଧରେ ଆମେ ଲଢ଼େଇ ଜାରି ରଖିବୁ। କଂଗ୍ରେସ ଓ ଏହାର ମେଣ୍ଟ ସହଯୋଗୀମାନେ



ଯେମିତି ମହାରାଷ୍ଟ୍ର, ହରିୟାଣା, ବିହାର ଓ ଦିଲ୍ଲୀରେ ଲଗାତାର ନିର୍ବାଚନ ହାରିଲେ, ଠିକ୍ ସେମିତି ତାମିଲନାଡୁର ଲୋକମାନେ ମଧ୍ୟ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ ଏନ୍‌ଡିଏ ମେଣ୍ଟର ତତ୍ତ୍ୱାବଧାନରେ ତାମିଲନାଡୁ ସରକାର ଗଠନ ପାଇଁ ପ୍ରସ୍ତୁତ। ତାମିଲନାଡୁ ପାଇଁ ଅତି ଉଜ୍ଜ୍ୱଳ ଭବିଷ୍ୟତ ଆମେ ନିଶ୍ଚିତ କରିବୁ ବୋଲି ସେ କହିଛନ୍ତି।

## ଉତ୍ତରପ୍ରଦେଶରେ ଶୀତଳ ଭଣ୍ଡାର କୋଠା ଭୁଶୁଡ଼ି ୪ ମୃତ, ପ୍ରଧାନମନ୍ତ୍ରୀଙ୍କ ଶୋକ



ପ୍ରୟାଗରାଜ: ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆଜି ଏକ ଏକ ଶୀତଳ ଭଣ୍ଡାର କୋଠା ଭୁଶୁଡ଼ି ପଡ଼ିବା ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଓ ୧୨ ଜଣ ଆହତ ହୋଇଛନ୍ତି। ଏହି ଘଟଣା ପରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି ଏବଂ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଇମର୍ଜେନ୍ସି ଟିମ୍ ମୁତୟନ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ, ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହୁରି ଅନେକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ସନ୍ଦେହ କରାଯାଉଛି। ବରିଷ୍ଠ ପୁଲିସ ଅଫିସର କୁଲଦୀପ ଗୁଣାୱତ କହିଛନ୍ତି, ଶୀତଳ ଭଣ୍ଡାରଟି ହଠାତ୍ ଭୁଶୁଡ଼ି ପଡ଼ିବା ଫଳରେ ଅନେକ ଲୋକ ଫସି ରହିଛନ୍ତି। ଉଦ୍ଧାର କରାଯାଇଥିବା ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଜିଲ୍ଲାପାଳ ମନୀଷ କୁମାର ବର୍ମା କହିଛନ୍ତି, ମୃତକଙ୍କ ପରିଚୟ ଚିହ୍ନଟ କରିବା ପ୍ରକ୍ରିୟା ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ପୁଲିସ, ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆରଏଫ୍ ଟିମ୍ ମୁତୟନ ହୋଇଛନ୍ତି। ପୁଲିସ କମିସନର ଯୋଗୀନ୍ଦର କୁମାର କହିଛନ୍ତି, ବାରାଣସୀରୁ ଏନ୍‌ଡିଆର୍‌ଏଫ୍ ଟିମ୍ ଅଣାଯାଇଛି ଓ ଘଟଣାସ୍ଥଳରେ ୩ ଏସ୍‌ଡିଆରଏଫ୍ ଟିମ୍ ମୁତୟନ ହୋଇଛନ୍ତି। କର୍ତ୍ତୃପକ୍ଷମାନେ କହିଛନ୍ତି, ଏହି ଶୀତଳ ଭଣ୍ଡାର ସୁବିଧା ପୂର୍ବତନ ସମାଜବାଦୀ ପାର୍ଟି ବିଧାୟକ ଅନସର ଅହମଦଙ୍କ ସହ ଜଡ଼ିତ ଏବଂ ଉକ୍ତ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉକ୍ତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଉକ୍ତ ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ପ୍ରଭାବିତ ପରିବାରକୁ ମୋଦୀ ସମବେଦନା ଜ୍ଞାପନ କରିବା ସହ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ମୃତକମାନଙ୍କ ପାଇଁ ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର କ୍ଷତିପୂରଣ ଘୋଷଣା କରାଯାଇଛି।

## ସିଲିଣ୍ଡର ପିଛା ୧୦ କେଜିକୁ ହ୍ରାସ ହେବ ଗ୍ୟାସ୍ !

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ଦେଖାଦେଇଥିବା ଏଲ୍‌ପିଜି ସଙ୍କଟ ଦୂର କରିବାକୁ ତୈଳ କମ୍ପାନିଗୁଡ଼ିକ ବିଭିନ୍ନ ଯୋଜନା ଉପରେ ବିଚାର କରୁଛନ୍ତି। ସେଥିରୁ ଗୋଟିଏ ହେଉଛି ୧୪.୨ କେଜିଆ ସିଲିଣ୍ଡରରେ ଦିଆଯାଉଥିବା ଗ୍ୟାସ୍ ପରିମାଣ କମ୍ କରିବା। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସିଲିଣ୍ଡର ପିଛା ଦିଆଯାଉଥିବା ଗ୍ୟାସ୍‌କୁ ୧୦ କେଜିକୁ ହ୍ରାସ



କରିବା ଉପରେ ବିଚାରବିମର୍ଶ ଚାଲିଛି। ଏହାଜରିଆରେ ସରକାର ଗଚ୍ଛିତ ଥିବା ଗ୍ୟାସ୍‌କୁ ଅଧିକରୁ ଅଧିକ ପରିବାର ପାଖରେ ପହଞ୍ଚାଇବାକୁ ଚାହୁଁଛନ୍ତି। ଏବେ ପରିବାର ଗ୍ରାହକଙ୍କୁ ଦିଆଯାଉଥିବା ୧୪.୨ କେଜିଆ ସିଲିଣ୍ଡର ହାରାହାରି ଭାବେ ୩୫-୪୦ ଦିନର ଆବଶ୍ୟକତା ପୂରଣ କରୁଛି। ଅଧିକ ଥର ରୋଷେଇ ହେଉଥିବା ପରିବାରରେ କିନ୍ତୁ ତାହା କମ୍ ଦିନ ଯାଉଛି। ଗ୍ୟାସ୍ ପରିମାଣ ୧୦ କେଜିକୁ ହ୍ରାସ କରାଗଲେ ତାହା ମଧ୍ୟ ଅଧିକାଂଶ ପରିବାରର ଏକ ମାସର ଆବଶ୍ୟକତା ପୂରଣ କରିପାରିବ ବୋଲି ତୈଳ କମ୍ପାନିଗୁଡ଼ିକ ଭାବୁଛନ୍ତି। ଏହି ରଣନୀତି ଜରିଆରେ ସଙ୍କଟ ସମୟର ଅଭାବକୁ ତୈଳ କମ୍ପାନିଗୁଡ଼ିକ ପୂରଣ କରିବାକୁ ଚାହୁଁଛନ୍ତି। ଯଦି ଏହାକୁ କାର୍ଯ୍ୟକାରୀ କରାଯିବ ତେବେ ସିଲିଣ୍ଡରରେ ପୂର୍ବରୁ ରହିଥିବା ଲେଖାଗୁଡ଼ିକୁ ଲିଭାଇବାକୁ ପଡ଼ିବ। ସେହି ଅନୁସାରେ ସିଲିଣ୍ଡର ଦାମ୍ ମଧ୍ୟ ହ୍ରାସ କରିବାକୁ ପଡ଼ିବ। ବଟଲିଂ କାରଖାନାରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ହେବ। ଏହି ସମସ୍ତ ପ୍ରକ୍ରିୟା ନିୟାମକ ଅନୁମୋଦନ ବିନା ହୋଇପାରିବ ନାହିଁ। ଗ୍ୟାସ୍ ସଙ୍କଟ ଦେଖାଦେବା ପରେ ସରକାର ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ଏହାର ପ୍ରଭାବରେ ହୋଟେଲ୍, ରେଷ୍ଟୋରାଁ, କ୍ୟାଟରିଂ, କ୍ଲାଉଡ୍ କିଚେନ, ରାସ୍ତା କଡ଼ରେ ଜଳଖିଆ ବିକ୍ରି କରୁଥିବା ଦୋକାନଗୁଡ଼ିକ ପ୍ରଭାବିତ ହୋଇଛନ୍ତି। ଧୀରେ ଧୀରେ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣରେ ବୃଦ୍ଧି କରାଯାଉଛି। କିନ୍ତୁ ସେଥିପାଇଁ କଡ଼ା ସର୍ତ୍ତ ରହିଛି। ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ବଢ଼ିବା ସହ ଗ୍ୟାସ୍ ଯୋଗାଣ ଉପରେ ଚାପ ବଢ଼ିଛି। ଏବେବି ସରକାର ଘରୋଇ ଗ୍ୟାସ୍ ଯୋଗାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯୁଦ୍ଧ ଲାଗିରହିଲେ ଗ୍ୟାସ୍ ସ୍ଥିତି ଆଗାମୀ ଦିନରେ ଆହୁରି ଗମ୍ଭୀର ହେବା ଆଶଙ୍କା ରହିଛି।

## କଲମ୍ବିଆରେ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ: ବିମାନରେ ଥିଲେ ୧୧୦ ସୈନିକ



କଲମ୍ବିଆ: କଲମ୍ବିଆର ଦକ୍ଷିଣ ଅଞ୍ଚଳରେ ସୋମବାର ଏକ ଲକ୍‌ହିଡ୍ ମାର୍ଟିନ୍ ହର୍କ୍ୟୁଲସ୍ ସି-୧୩୦ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେହି ସମୟରେ ବିମାନରେ ପ୍ରାୟ ୧୧୦ ଜଣ ସୈନିକ ଯାତ୍ରା କରୁଥିବା କଲମ୍ବିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି। କଲମ୍ବିଆର ପ୍ରତିରକ୍ଷା ମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏକ୍ସରେ ଏକ ପୋଷ୍ଟରେ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ସାମରିକ ୟୁନିଟ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। କିନ୍ତୁ ମୃତକଙ୍କ ପ୍ରକୃତ ସଂଖ୍ୟା ଓ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏହି ଘଟଣା ସମ୍ପର୍କରେ ଆମେରିକାର ପ୍ରତିରକ୍ଷା କମ୍ପାନି ଲକ୍‌ହିଡ୍ ମାର୍ଟିନ୍ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଫେବୃଆରି ଶେଷଭାଗରେ ବଲିଭିଆ ବାୟୁସେନା ଦ୍ୱାରା ପରିଚାଳିତ ଅନ୍ୟ ଏକ ହର୍କ୍ୟୁଲସ୍ ସି-୧୩୦ ଜନବହୁଳ ସହର ଅଲ୍‌ଟୋରେ ଦୁର୍ଘଟଣାଗ୍ରସ୍ତ ହେବାର କିଛି ସପ୍ତାହ ପରେ ଏହି ଦୁର୍ଘଟଣା ଘଟିଛି। ଏହି ଘଟଣାରେ ୨୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଓ ପ୍ରାୟ ୩୦ ଜଣ ଆହତ ହୋଇଥିଲେ।

## ପୂର୍ବତନ ପଞ୍ଜାବ ମନ୍ତ୍ରୀ ଲାଲଜିତ ସିଂହ ଗିରଫ

ଅମୃତସର: ପଞ୍ଜାବରେ ଜଣେ ରାଜ୍ୟ ପଣ୍ୟାଗାର ଅଧିକାରୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇଥିବା ଅଭିଯୋଗରେ ପୂର୍ବତନ ପଞ୍ଜାବ ମନ୍ତ୍ରୀ ତଥା ଆପ୍ ବିଧାୟକ ଲାଲଜିତ ସିଂହ ଭୁଲ୍ଲରଙ୍କୁ ସୋମବାର ଗିରଫ କରାଯାଇଛି। ଭୁଲ୍ଲରଙ୍କୁ ଫତେଗଡ଼ ସାହେବ ଜିଲ୍ଲାର ମଣ୍ଡି ଗୋବିନ୍ଦଗଡ଼ରୁ ଗିରଫ କରାଯାଇଥିବା ନେଇ ଜଣେ ପୁଲିସ ଅଧିକାରୀ ଅମୃତସରରେ ସାମ୍ବାଦିକମାନଙ୍କୁ କହିଛନ୍ତି। ପୁଲିସ କହିଛି ଯେ, ଭୁଲ୍ଲରଙ୍କୁ ମଣ୍ଡି ଗୋବିନ୍ଦଗଡ଼ରୁ ଅମୃତସର ଅଣାଯାଇଛି ଏବଂ ମଙ୍ଗଳବାର ତାଙ୍କୁ କୋର୍ଟରେ ହାଜର କରାଯିବ। ଉଲ୍ଲେଖଯୋଗ୍ୟ, ଅମୃତସରରେ ପଞ୍ଜାବ ରାଜ୍ୟ ପଣ୍ୟାଗାର ନିଗମର ଜିଲ୍ଲା ପରିଚାଳକ ଗଗନଦୀପ ସିଂହ ରନ୍ଧାୱା ଶନିବାର ପ୍ରତ୍ୟୁଷରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ଏକ ଭିଡିଓ ଜାରି ହୋଇଥିଲା ଯେଉଁଥିରେ ସେ ଭୁଲ୍ଲରଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ଅଭିଯୋଗ କରିଥିଲେ।

## ଅଚଳ ଖାତାର ୫୨୦୦ କୋଟି ଫେରାଇବ ଇପିଏଫ୍‌ଓ

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ରେ ଅଚଳ ହୋଇ ପଡ଼ିରହିଥିବା ଖାତାଗୁଡ଼ିକରେ ୫୨୦୦ କୋଟି ଟଙ୍କାର ଜମାରାଶି ରହିଛି। ଖାତାଗୁଡ଼ିକର ପ୍ରକୃତ ହିତାଧିକାରୀଙ୍କ ପାଖରେ ସେହି ଟଙ୍କା ପହଞ୍ଚାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ସେଥିପାଇଁ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ତାହା ଜରିଆରେ ସେହି ଅଚଳ ଖାତାର ସଦସ୍ୟ କିମ୍ବା ତାଙ୍କ ହିତାଧିକାରୀମାନେ ଟଙ୍କା ଉଠାଇପାରିବେ। ଟଙ୍କା ପାଇବା ଲାଗି ସଦସ୍ୟମାନଙ୍କୁ କୌଣସି ଦାବି ଉପସ୍ଥାପନ କରିବାକୁ ପଡ଼ିବ ନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆଧାର ପ୍ରମାଣୀକରଣ ହୋଇଥିବା ୮.୧ ଲକ୍ଷ ଖାତା ବିଚାରକୁ ନିଆଯିବ। ସେହି ଖାତାଗୁଡ଼ିକରେ ୫୨୦୦ କୋଟି ଟଙ୍କା ପଡ଼ିରହିଛି। ସେଥିରୁ ୧୪,୦୦୦ ଖାତାରେ ୫ ଲକ୍ଷ ଟଙ୍କାରୁ ଅଧିକ ଜମା ରାଶି,




୩୮୦୦୦ ଖାତାରେ ୧ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ୪୧୦୦୦ ଖାତାରେ ୫୦,୦୦୦ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ରାଶି ରହିଛି। ଏକ ହଜାର ଟଙ୍କାରୁ କମ୍ ଜମାରାଶି ଥିବା ଖାତାର ବାଲାନ୍ସକୁ ହିତାଧିକାରୀମାନଙ୍କୁ ସ୍ୱୟଂକ୍ରିୟ ପ୍ରକ୍ରିୟାରେ ପ୍ରଦାନ କରିବା ସଂକ୍ରାନ୍ତ ପ୍ରସ୍ତାବକୁ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ମଞ୍ଜୁର କରିଛି। ଏହି ଖାତା ସହ ଯୋଡ଼ିହୋଇଥିବା ବ୍ୟାଙ୍କ ଖାତାରେ ସେହି ରାଶି ସିଧାସଳଖ ଜମା କରାଯିବ। ସେହି ଢାଞ୍ଚାରେ ଅନ୍ୟ ଖାତାର ଜମାରାଶି ହିତାଧିକାରୀଙ୍କୁ ହସ୍ତାନ୍ତର କରିବାକୁ ଆଉ ଏକ ରଣନୀତି ପ୍ରସ୍ତୁତ କରାଯିବ। ୨୦୧୭ ଅକ୍ଟୋବର ପରେ ଇପିଏଫ୍‌ଓରେ ଯୋଡ଼ିହୋଇଥିବା ସଦସ୍ୟମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯିବ। ଯେତେବେଳେ ଇପିଏଫ୍‌ଓର କୌଣସି ଖାତାରେ ସୁଧ ଜମା ହେବା ପ୍ରକ୍ରିୟା ବନ୍ଦ ହୋଇଯାଏ ତାହାକୁ ଅଚଳ ଖାତା ଭାବେ ବିଚାର କରାଯାଏ। ୫୫ ବର୍ଷ ବୟସରେ ଅବସର ଗ୍ରହଣ କରିଥିବା ସଦସ୍ୟଙ୍କ ଖାତାରେ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ଟଙ୍କା ଜମା ନ ହେଲେ ତାହାକୁ ମଧ୍ୟ ଅଚଳ ଖାତା ବୋଲି ବିଚାର କରାଯାଏ। କିନ୍ତୁ ୫୫ ବର୍ଷରୁ କମ୍ ବୟସର ସଦସ୍ୟମାନଙ୍କ ଖାତାରେ ତାଙ୍କୁ ୫୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସୁଧ ଜମା କରାଯାଏ। ୨୦୨୬ ଫେବୃଆରି ସୁଦ୍ଧା ଇପିଏଫ୍‌ଓରେ ୩୧.୮ ଲକ୍ଷ ଅଚଳ ଖାତା ରହିଛି। ସେଥିରେ ମୋଟ୍ ୧୦,୧୮୧ କୋଟି ଟଙ୍କାର ଜମାରାଶି ରହିଛି। ସେଥିରୁ ୭ ଲକ୍ଷ ଖାତା ୨୦ ବର୍ଷରୁ ଅଧିକ ପୁରୁଣା। ୧.୮ ଲକ୍ଷ ୧୦-୨୦ ବର୍ଷ ପୁରୁଣା ଏବଂ ୧୩ ଲକ୍ଷ ଖାତା ୫-୧୦ ବର୍ଷ ପୁରୁଣା ରହିଛି।

## ହକି ଇଣ୍ଡିଆ ପୁରସ୍କାର ୨୦୨୫

# ଶ୍ରେଷ୍ଠ ଖେଳାଳି ପାଇଁ ନାମାଙ୍କନ ତାଲିକା ପ୍ରକାଶ





ନୂଆଦିଲ୍ଲୀ, ୨୩।୩: ୨୦୨୫ ଲାଗି ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ସମାରୋହ ଆସନ୍ତା ଶୁକ୍ରବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିଭିନ୍ନ ବର୍ଗରେ ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ ଖେଳାଳିମାନଙ୍କ ତାଲିକା ପ୍ରକାଶ ପାଇଛି। ସମ୍ମାନଜନକ 'ବଲବୀର ସିଂହ ବର୍ଷର ଶ୍ରେଷ୍ଠ ବରିଷ୍ଠ ପୁରୁଷ ଖେଳାଳି' ଦୌଡ଼ରେ ରହିଛନ୍ତି ଫରୱାର୍ଡ ସୁଖଜିତ ସିଂହ, ସଂଜୟ, ଡିଫେଣ୍ଡର ଅଭିଷେକ ଓ ମିଡ୍‌ଫିଲ୍ଡର ହାର୍ଦିକ ସିଂହ। ସେହିପରି ମହିଳା ବର୍ଗରେ ଏହି ପୁରସ୍କାର ଦୌଡ଼ରେ ଅଛନ୍ତି ସାଲିମା ଟେଟେ, ନବନୀତ କୌର, ଲାଲରେମସାୟାମି ଓ ସବିତା।

ଏହି ସମାରୋହ ଲାଗି ଆଠଟି ବର୍ଗରେ ମୋଟ ୩୨ ଖେଳାଳିଙ୍କୁ ଚୂଡ଼ାନ୍ତ ମନୋନୟନ କରାଯାଇଛି। ପ୍ରତି ବର୍ଗରେ ଚାରି ଜଣ ଖେଳାଳୀଙ୍କୁ ମନୋନୀତ କରାଯାଇଥିବାବେଳେ ସେମାନଙ୍କୁ ମଧ୍ୟରୁ ଜଣକୁ ପୁରସ୍କାର ଦିଆଯିବ। ଏସବୁ ବର୍ଗ ମଧ୍ୟରେ ରହିଛି ଯୁଗରାଜ ସିଂ ବର୍ଷର ଶ୍ରେଷ୍ଠ ଉଦୀୟମାନ ଖେଳାଳି (୧୯ ବର୍ଷରୁ କମ ପୁରୁଷ), ଆସୁନ୍ତା ଲାକ୍ରା ବର୍ଷର ଶ୍ରେଷ୍ଠ ଉଦୀୟମାନ ଖେଳାଳି (୧୯ ବର୍ଷରୁ କମ ମହିଳା), ବଲଜୀତ ସିଂ ବର୍ଷର ଶ୍ରେଷ୍ଠ ଗୋଲରକ୍ଷକ, ପର୍ଗତ ସିଂ ବର୍ଷର ଶ୍ରେଷ୍ଠ ଡିଫେଣ୍ଡର ଓ ଅଜିତ୍ ପାଲ ସିଂ ବର୍ଷର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଓ ଧନରାଜ ପିଲ୍ଲେ ଶ୍ରେଷ୍ଠ ଫରୱାର୍ଡ ପୁରସ୍କାର। ଏହି ଆଠଟି ବର୍ଗଛଡ଼ା ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଷ୍ଟ୍ରପତି ପୁରସ୍କାର, ଅମୂଲ୍ୟ ଅବଦାନ ଲାଗି ଜମନଲାଲ ଶର୍ମା ପୁରସ୍କାର ପ୍ରଦାନ କରାଯିବ।

## କମେଣ୍ଟ୍ରିରୁ ଅବସର ନେଲେ ଶିବରାମ

ନୂଆଦିଲ୍ଲୀ, ୨୩।୩: ଭାରତର ପୂର୍ବତନ କ୍ରିକେଟର ଲକ୍ଷ୍ମଣ ଶିବରାମ କ୍ରିଷ୍ଣନ କମେଣ୍ଟ୍ରିରୁ ଅବସର ଘୋଷଣା କରିଛନ୍ତି। ହେଲେ ସେ ଅବସର ଘୋଷଣା ଲାଗି କରିଥିବା ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଏବେ ବିବାଦ ଦେଖାଦେଇଛି। "ଦୀର୍ଘ ୨୩ ବର୍ଷ ହେଲା ମୋତେ ଟସ୍ ଓ ମ୍ୟାଚ୍ ପରବର୍ତ୍ତୀ ଉପସ୍ଥାପନା ଲାଗି ସୁଯୋଗ ମିଳୁ ନାହିଁ। ନୂଆ ଚେହେରା ଆସି ପିଚ୍ ରିପୋର୍ଟ, ଟସ୍, ମ୍ୟାଚ୍ ଉପସ୍ଥାପନା କରୁଛନ୍ତି। ଏପରିକି ରବି ଶାସ୍ତ୍ରୀ ଭାରତୀୟ ଦଳର କୋଚ୍ ଥିବା ବେଳେ ମଧ୍ୟ ଯଦି ସୁଯୋଗ ନ ମିଳେ, ତେବେ ତାହାର କାରଣ କ'ଣ ହୋଇଥିବ" ବୋଲି ଶିବରାମ କ୍ରିଷ୍ଣନ ଏକ୍ସ'ରେ ପୋଷ୍ଟ କରିଥିଲେ।ଏହି ପୋଷ୍ଟରେ ଜଣେ ୟୁଜର କମେଣ୍ଟ କରି ଲେଖିଥିଲେ, ହୁଏତ ତୁମର କୃଷ୍ଣକାୟ ରଙ୍ଗ ଏହାର କାରଣ ହୋଇଥାଇପାରେ। ଏହାର ଉତ୍ତରରେ ଶିବରାମ କ୍ରିଷ୍ଣନ ଲେଖିଥିଲେ, ତୁମେ ଠିକ କହିଛ। ରଙ୍ଗ ଭେଦଭାବ। ଏହି ପୋଷ୍ଟ ଭାଇରାଲ ହେବା ପରେ ବିସିସିଆଇ ପ୍ରଶାସକଙ୍କର ଏଥିରେ କୌଣସି ଭୂମିକା ନ ଥିବା ନେଇ ଶିବରାମ କ୍ରିଷ୍ଣନ ସ୍ପଷ୍ଟୀକରଣ ରଖିଛନ୍ତି।

# ଅରୁନ୍ଧତୀ ମାସର ଶ୍ରେଷ୍ଠ ଆଇସିସି ମହିଳା ଖେଳାଳି

ଦୁବାଇ, ୨୩।୩: ଭାରତୀୟ ବୋଲର ଅରୁନ୍ଧତୀ ରେଡ୍ଡୀ ଫେବ୍ରୁଆରି ମାସର ଶ୍ରେଷ୍ଠ ଆଇସିସି ମହିଳା କ୍ରିକେଟର୍ ପୁରସ୍କାର ପାଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳରେ ଅରୁନ୍ଧତୀ ଚମତ୍କାର ପ୍ରଦର୍ଶନ ଯୋଗୁଁ ଏହି ପୁରସ୍କାର ପାଇଛନ୍ତି। ଏହି ଶୃଙ୍ଖଳାକୁ ଭାରତ ୨-୧ରେ ଜିତିଥିଲା ବେଳେ ଅରୁନ୍ଧତୀ ୭.୨୫ ଇକୋନୋମି ଓ ୧୦.୮୭ ହାରରେ ୮ ୱିକେଟ୍ ଅକ୍ତିଆର କରିଥିଲେ। ତାଙ୍କର ଏହି ସଫଳତା ପୁରସ୍କାର ଦୌଡରେ ଥିବା ହର୍ଷିତା ସମରାବିକ୍ରମା ଓ ପାକିସ୍ତାନର ଫତିମା ସାନାଙ୍କୁ ପଛରେ ପକାଇ ଦେଇଥିଲା।ପୁରୁଷ ବର୍ଗରେ ପାକିସ୍ତାନର ସାହିବଜାଦା ଫରହାନ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଛନ୍ତି। ସେ ଇଂଲଣ୍ଡର ୱିଲ୍ ଜାକ୍ସ ଓ ଆମେରିକାର ସାଉ୍ଲେ ଭାନ୍ ଶ୍ଟାଲୱିକ୍‌ଙ୍କୁ ପଛରେ ପକାଇ ଏହି ପୁରସ୍କାର ଜିତିଛନ୍ତି। ଗତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ନାମରେ ଥିବା ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ ରେକର୍ଡ ଫରହାନ ଭାଙ୍ଗିଥିଲେ।ଏହି ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସେ ୨ଟି ଶତକ ଅର୍ଜନ କରିବାରେ ପ୍ରଥମ ଖେଳାଳି ମଧ୍ୟ ହୋଇଥିଲେ। ସେ ଏହି ବିଶ୍ୱକପ୍‌ରେ ୭୬.୬୦ ହାରାହାରି ଓ ୧୬୦.୨୫ ଷ୍ଟ୍ରାଇକ୍‌ରେଟ୍‌ରେ ୩୮୩ ରନ୍ କରିଥିଲେ। ଏଥିରେ ୨ ଶତକ ଓ ୨ ଅର୍ଦ୍ଧଶତକ ଥିଲା।




## ଆଇପିଏଲ୍‌ରେ ଧୋନୀଙ୍କ ଲକ୍ଷ୍ୟ

ନୂଆଦିଲ୍ଲୀ, ୨୩।୩: ଚେନ୍ନାଇ ସୁପର କିଙ୍ଗ୍ସର ଏକ ପ୍ରଶଂସକ କାର୍ଯ୍ୟକ୍ରମରେ, ଏମଏସ ଧୋନୀ ହାସ୍ୟରସପୂର୍ଣ୍ଣ ଭାବରେ ମନ୍ତବ୍ୟ ଦେଇଥିଲେ ଯେ ସେ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ଆଇପିଏଲ ଖେଳିପାରିବେ, ଏହି ମନ୍ତବ୍ୟ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଥିଲା। ଅଭିନେତା ଶିବକାର୍ତିକେୟନଙ୍କ ଏକ ମଜାଦାର ଅନୁରୋଧର ଉତ୍ତର ଦେଇ, ୪୪ ବର୍ଷୀୟ ଧୋନି କହିଥିଲେ ଯେ ଏହା କଷ୍ଟକର ହେଲେ ମଧ୍ୟ ସେ ନିଶ୍ଚିତ ଭାବରେ ଏହାକୁ ଚେଷ୍ଟା କରିପାରିବେ। ଏହି ଘଟଣାଟି ପ୍ରକୃତରେ ମାର୍ଚ୍ଚ ୨୨ରେ ଚେନ୍ନାଇର ଚେପକରେ ଘଟିଥିଲା, ଯେଉଁଠାରେ ଶିବକାର୍ତିକେୟନ ଆଇପିଏଲ ୨୦୨୬ ଦଳ ସହିତ ମଞ୍ଚ ଶେୟାର କରିଥିଲେ ଏବଂ ଧୋନୀଙ୍କୁ ଅବସର ଗୁଜବକୁ ଅଣଦେଖା କରି ହଳଦିଆ ଜର୍ସି ପିନ୍ଧି ଖେଳିବା ଜାରି ରଖିବାକୁ ଅନୁରୋଧ କରିଥିଲେ। ଧୋନୀଙ୍କ ପ୍ରତିକ୍ରିୟା ପ୍ରଶଂସକମାନଙ୍କୁ ଖୁସି କରିଥିଲା, ଏବଂ ଭିଡିଓଟି ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।ଧୋନି ଆଇପିଏଲର ୧୯ତମ ସିଜିନରେ ଖେଳିବାକୁ ପ୍ରସ୍ତୁତ। ତାଙ୍କୁ ବହୁଳ ଭାବରେ ଲିଗର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ବିବେଚନା କରାଯାଏ। ତାଙ୍କ ରେକର୍ଡ ଦୃଷ୍ଟିରୁ, ସେ ଏପର୍ଯ୍ୟନ୍ତ ୨୭୮ ମ୍ୟାଚ୍ ଖେଳିଛନ୍ତି ଏବଂ ୫,୪୩୯ ରନ କରିଛନ୍ତି।

# ଏଲ୍ଏଲ୍‌ସିସି କପ୍ : ଓମ୍‌ଶ୍ରୀଙ୍କ ଶତକ

## ସେମିରେ ରେଡ୍ ଷ୍ଟାର୍




ଭୁବନେଶ୍ୱର, ୨୩।୩: ନୟାପଲ୍ଲୀସ୍ଥିତ ଏଲ୍ଏଲ୍‌ସିସି ପଡିଆରେ ଚାଲିଥିବା ଏଲ୍ଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ରେଡ୍ ଷ୍ଟାର୍ ପ୍ରବେଶ କରିଛି। ସୋମବାର ପ୍ରଥମ କ୍ୱାର୍ଟରଫାଇନାଲ୍‌ରେ ଏହି ଦଳ ୧୬୦ ରନ୍‌ରେ ରାମେଶ୍ୱର ସ୍ମାର୍ଟିଂକୁ ପରାସ୍ତ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରେଡ୍ ଷ୍ଟାର୍ ଦଳ ଓମ୍‌ଶ୍ରୀ ସାହୁ (୧୧୨ ବଲ୍, ୧୬୨ ରନ୍)ଙ୍କ ଶତକ ବଳରେ ନିର୍ଦ୍ଧାରିତ ୩୫ ଓଭରରେ ୪ ୱିକେଟ୍ ହରାଇ ୨୬୧ ରନ୍ କରିଥିଲା। ଧନରାଜ ରାୟ ୩୬ ରନ୍ କରିଥିଲେ। ଜବାବରେ ରନ୍ ପାହାଡର ଚାପରେ ଚାପି ହୋଇ ରାମେଶ୍ୱର ସ୍ମାର୍ଟିଂ ୨୮.୨ ଓଭରରେ ୧୦୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

ଦଳ ପକ୍ଷରୁ ବିଭୂପ୍ରସାଦ ପ୍ରଧାନ ସର୍ବାଧିକ ୩୧ ରନ୍ କରିଥିଲେ। ରେଡ୍ ଷ୍ଟାର୍ ପକ୍ଷରୁ ସ୍ମୃତିରଞ୍ଜନ ୪, ସେଖ୍ ସଲିକ ମହମ୍ମଦ ୩ ଓ ଓମ୍‌ଶ୍ରୀ ସାହୁ ୨ ୱିକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଓମ୍‌ଶ୍ରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପୂର୍ବତନ ରଣଜୀ ଖେଳାଳି ଆଲୋକ ମଙ୍ଗରାଜ ପ୍ରଦାନ କରିଥିଲେ।

# ଓଡିଶା ପୁଲିସ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୨୩।୩: ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ନିଜ ବକ୍ତବ୍ୟରେ କହିଥିଲେ, କ୍ରୀଡାବିତ୍‌ଙ୍କ ଏହି ସଫଳତା ରାଜ୍ୟ ଓ ଓଡ଼ିଶା ପୁଲିସ ପାଇଁ ଗୌରବର ବିଷୟ। ସେମାନଙ୍କ ଏହି ସଫଳତା ଓଡ଼ିଶାର ଯୁବ ପିଢ଼ିକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ସେ କହିଥିଲେ।

ଉଲ୍ଲେଖନୀୟ ଯେ, ନିକଟରେ ଆୟୋଜିତ ସର୍ବଭାରତୀୟ ପୁଲିସ ଓ ବରିଷ୍ଠ ଜାତୀୟ ଚାମ୍ପିଅନ୍‌ସିପ୍-୨୦୨୬ରେ ଓଡ଼ିଶା ପୁଲିସର କ୍ରୀଡ଼ାବିତମାନେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରୋଇଂ ପ୍ରତିଯୋଗିତାରେ ରିତୁ କାଉଡି ଓ ସୋନାଲିକା ଦାସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିପରି କ୍ୟାନୋଇଂ, କାୟାକିଂ, କରାଟେ ଏବଂ ଆଥଲେଟିକ୍ସ ମଧ୍ୟରେ ମଧ୍ୟ ଖେଳାଳୀମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ, କଟକରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିଅନ୍‌ସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର ୭ ଜଣ ଖେଳାଳୀ ୧୧ଟି ବିଭିନ୍ନ ବିଭାଗରେ ନୂତନ 'ମିଟ୍ ରେକର୍ଡ' ସୃଷ୍ଟି କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ବିଘ୍ନରାଜ ମିରିଡ଼ିଆ, ଅଶୋକ ଦାଣ୍ଡସେନା, ସୁସ୍ମିତା ତିଗା ଓ ସବିତା ଟପ୍ପଙ୍କ ଭଳି ଖେଳାଳୀମାନେ ନିଜ ନିଜ ବର୍ଗରେ ଅସାଧାରଣ ପ୍ରଦର୍ଶନ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

# ମଲ୍ଲଯୋଦ୍ଧା ରିକୋଚେଟଙ୍କ ପତ୍ନୀଙ୍କୁ ହତ୍ୟା ଧମକ !

କୋଲକାତା ୨୩।୩:: କୁସ୍ତି ଜଗତରେ ମଲ୍ଲଯୋଦ୍ଧାମାନେ ପ୍ରାୟତଃ ଶିରୋନାମା ପାଇବା ପାଇଁ ବିବାଦୀୟ ବୟାନ ଦେଇଥାନ୍ତି ଏବଂ ପୁଣିଥରେ ସମାନ ବିବାଦ ଉପୁଜିବାରେ ଲାଗିଛି। ପୂର୍ବତନ ଡବ୍ଲୁଡବ୍ଲୁଇ ଷ୍ଟାର ଏବଂ ଏଇଡବ୍ଲୁ ମଲ୍ଲଯୋଦ୍ଧା ରିକୋଚେଟଙ୍କ ଏକ ସାମ୍ପ୍ରତିକ ଟ୍ୱିଟ୍ ବିବାଦ ସୃଷ୍ଟି କରିଛି। ୨୦୨୪ ମସିହାରେ ଏଇଡବ୍ଲୁ ରେ ଯୋଗଦେବା ପରଠାରୁ ରିକୋଚେଟ ତାଙ୍କର ସ୍ପଷ୍ଟବାଦୀ ଏବଂ କଠୋର ସୋସିଆଲ ମିଡିଆ ପୋଷ୍ଟ ପାଇଁ ଜଣାଶୁଣା ହୋଇଛନ୍ତି। କିନ୍ତୁ ଏଥର ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲା। ମଲ୍ଟିପ୍ଲ ସ୍କଲେରୋସିସ୍ ଭଳି ଗମ୍ଭୀର ରୋଗ ସହିତ ଲଢୁଥିବା ଜଣେ ମହିଳାଙ୍କ ବିଷୟରେ ରିକୋଚେଟ ଏକ ଭାବପ୍ରବଣ ମନ୍ତବ୍ୟ ଦେଇଥିଲେ, ଯାହା ସୋସିଆଲ ମିଡିଆରେ ପ୍ରଶଂସକମାନଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା। ବିବାଦ ବୃଦ୍ଧି ପାଇବା ଦେଖି ରିକୋଚେଟ ତୁରନ୍ତ ତାଙ୍କର ଭୁଲ ସ୍ୱୀକାର କଲେ ଏବଂ କ୍ଷମା ପ୍ରାର୍ଥନା କରିଥିଲେ। କିନ୍ତୁ ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ଏହି ବିବାଦ ତାଙ୍କ ପତ୍ନୀ ତଥା ଜଣେ ପ୍ରସିଦ୍ଧ ପୂର୍ବତନ ଡଡର ରିଙ୍ଗ୍ ଉଦ୍‌ଘୋଷକ ସାମନ୍ଥା ଇରଭାଇନଙ୍କ ପାଖରେ ମଧ୍ୟ ପହଞ୍ଚିଥିଲା। ସାମନ୍ଥା ଇନଷ୍ଟାଗ୍ରାମରେ ପ୍ରକାଶ କରିଛନ୍ତି ଯେ ରିକୋଚେଟଙ୍କ ମନ୍ତବ୍ୟ ପରେ ତାଙ୍କୁ ମୃତ୍ୟୁ ଧମକ ମିଳୁଛି। ବର୍ଦ୍ଧିତ ଟ୍ରୋଲିଂକୁ ଏଡାଇବା ପାଇଁ, ସାମନ୍ଥାଙ୍କୁ ତାଙ୍କ ଟ୍ୱିଟର ଆକାଉଣ୍ଟକୁ ନିଷ୍କ୍ରିୟ କରିବାକୁ ପଡିଥିଲା।



# ଆର୍‌ସିବି ୱାର୍ମଅପ୍‌ରେ ବିରାଟଙ୍କ ୨୪୧ ଷ୍ଟ୍ରାଇକ୍‌ରେଟ୍‌ରେ ବ୍ୟାଟିଂ

ବେଙ୍ଗାଲୁରୁ, ୨୩।୩: ଶନିବାରଠୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱର ଧନି କ୍ରିକେଟ୍ ଲିଗ୍ ଆଇପିଏଲ୍। ଏଥିଲାଗି ଦଶଟି ଯାକ ଫ୍ରାଞ୍ଚାଇଜି ଅଭ୍ୟାସ ଆରମ୍ଭ କଲେଣି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବିଜେତା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ନିଜର ପ୍ରଥମ ୱାର୍ମଅପ୍ ମ୍ୟାଚ୍ ଖେଳିଛି। ଏହି ମ୍ୟାଚ୍‌ରେ ବିରାଟ କୋହଲି ୨୪୧ ଷ୍ଟ୍ରାଇକ୍‌ରେଟ୍‌ରେ ବ୍ୟାଟିଂ କରିଛନ୍ତି। ସେ ୧୨ ବଲ୍‌ରେ ୨୯ ରନ୍ କରି ଭଲ ଟଚ୍‌ରେ ଥିବା ପ୍ରମାଣ ଦେଇଛନ୍ତି। ଜିତେଶ ଶର୍ମା ମଧ୍ୟ ଧୂଆଁଧାର ବ୍ୟାଟିଂ କରି ୩୭ ବଲ୍‌ରୁ ୮୧ ରନ୍ କରିଥିଲେ। ଏହି ୱାର୍ମଅପ୍ ମ୍ୟାଚ୍‌ରେ ଗୋଟିଏ ଦଳର ନେତୃତ୍ୱ ଭେଙ୍କଟେଶ ଆୟର (ଟିମ୍ ଭେଙ୍କି) ଓ ଅନ୍ୟଟିର କ୍ରୁନାଲ ପାଣ୍ଡ୍ୟା (ଟିମ୍ କ୍ରୁନାଲ) ନେଇଥିଲେ। ଜିତେଶ ଓ ବିରାଟଙ୍କ ବିସ୍ଫୋରଣରେ ଟିମ୍ ଭେଙ୍କି ୨୩୪/୭ କରିଥିଲା। ଟିମ୍ ଡେଭିଡ୍ ୧୪ ବଲ୍‌ରୁ ୩୬ ଓ ଅଧିନାୟକ ଆୟର ୧୬ ବଲ୍‌ରୁ ୩୬ ରନ୍ କରିଥିଲେ। ଜବାବରେ ଆର୍‌ସିବି ଅଧିନାୟକ ରଜତ ପଟିଦାରଙ୍କ ୨୫ ବଲ୍‌ରୁ ୭୪ ରନ୍ ବଳରେ ଟିମ୍ କ୍ରୁନାଲ ସହଜରେ ବିଜୟ ହାସଲ କରିନେଇଥିଲା। ଦେବଦତ୍ତ ପଡିକଲ ୩୩ ବଲ୍‌ରୁ ୬୩ ଏବଂ କ୍ରୁନାଲ ୩୩ ବଲ୍‌ରୁ ୫୮ ରନ୍ କରିଥିଲେ। ଆର୍‌ସିବି ଶନିବାର ଉଦ୍‌ଘାଟନୀ ଦିବସରେ ଏହି ପଡିଆରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।




# ଆତଙ୍କବାଦ ଭୟ : ବିନା ଦର୍ଶକରେ ଖେଳାଯିବ ପିଏସଏଲ ମ୍ୟାଚ୍

ନୂଆଦିଲ୍ଲୀ, ୨୩।୩: ପାକିସ୍ତାନ ସୁପର ଲିଗ୍‌ର ନୂତନ ସିଜିନ୍ ମାର୍ଚ୍ଚ ୨୬ ରେ ଆରମ୍ଭ ହେବାକୁ ଯାଉଛି । ସିଜିନ୍ ଆରମ୍ଭ ହେବା ପୂର୍ବରୁ, ପିସିବି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛି । ଏହି ସିଜିନ୍‌ରେ ପାକିସ୍ତାନ ସୁପର ଲିଗ୍ ମ୍ୟାଚ୍‌ଗୁଡ଼ିକ ବନ୍ଦ କବାଟ ଭିତରେ ଖେଳାଯିବ। ଏହାର ଅର୍ଥ ହେଉଛି ସମସ୍ତ ମ୍ୟାଚ୍ ଖାଲି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏହା ସହିତ, ଏହା ନିଷ୍ପତ୍ତି ନିଆଯାଇଛି ଯେ ପିଏସଏଲ ୨୦୨୬ମ୍ୟାଚ୍‌ଗୁଡ଼ିକ କେବଳ ଦୁଇଟି ସ୍ଥାନରେ ସୀମିତ ରହିବ । ସମସ୍ତ ପିଏସଏଲ ମ୍ୟାଚ୍ ଏବେ କେବଳ ଲାହୋର କିମ୍ବା କରାଚୀରେ ହେବ। ପ୍ରଥମେ ଲାହୋରରେ ଅନୁଷ୍ଠିତ ହେବାକୁ ଥିବା ଉଦଘାଟନୀ ସମାରୋହକୁ ମଧ୍ୟ ବାତିଲ କରାଯାଇଛି। ଇରାନ-ଇସ୍ରାଏଲ ବିବାଦ ଯୋଗୁଁ ପଶ୍ଚିମ ଏସିଆରେ ଚାଲିଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପିସିବି ଅଧ୍ୟକ୍ଷ ମୋହସିନ୍ ନକଭି ସମ୍ଭାବନା ପ୍ରକାଶ କରିଛନ୍ତି ଯେ, ପରିସ୍ଥିତିରେ ଉନ୍ନତି ଆସିଲେ ପ୍ରଶଂସକମାନଙ୍କୁ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଷ୍ଟାଡିୟମ୍‌ରେ ପ୍ରବେଶ ଅନୁମତି ଦିଆଯାଇପାରେ। ତଥାପି, ଏହା ଇରାନରେ ଚାଲିଥିବା ସଙ୍କଟର ସମାଧାନ ଉପରେ ନିର୍ଭର କରିବ । ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ବିଶ୍ୱବ୍ୟାପୀ ତୈଳ ସଙ୍କଟ ସୃଷ୍ଟି କରିଛି, ଯାହାର ପ୍ରଭାବ ପାକିସ୍ତାନରେ ମଧ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଛି। ବିଶେଷକରି, ହର୍ମୁଜ୍ ଷ୍ଟ୍ରେଟ ବନ୍ଦ ହେବା ଯୋଗୁଁ ତୈଳ ଯୋଗାଣରେ ବାଧା ପରିଲକ୍ଷିତ ହେଉଛି। ନକଭି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଇନ୍ଧନ ସଙ୍କଟକୁ ଦୃଷ୍ଟିରେ ରଖି ସମଗ୍ର ପାକିସ୍ତାନକୁ ସେମାନଙ୍କର ଗତିବିଧି ସୀମିତ କରିବାକୁ ନିବେଦନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, "ଆମେ ସ୍କୁଲ ବନ୍ଦ କରିଛୁ, 'ଘରରୁ କାମ' ବ୍ୟବସ୍ଥା କାର୍ଯ୍ୟକାରୀ କରିଛୁ ଏବଂ ଇଦ୍ ଛୁଟିର ଅବଧି ବୃଦ୍ଧି କରିଛୁ।"ମୋହସିନ ନକଭି ଆହୁରି କହିଛନ୍ତି ଯେ, ଏହି ସମସ୍ତ କାରଣକୁ ଧ୍ୟାନରେ ରଖି, ଆମେ ସୁରକ୍ଷା ଏଜେନ୍ସିଗୁଡ଼ିକ ସହିତ ଏକ ବୈଠକ କରିଥିଲୁ ଏବଂ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେଇଥିଲୁ ଯେ ପିଏସଏଲ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲିବ। ତଥାପି, ଆମେ ପ୍ରତିଦିନ ୩୦,୦୦୦ ଦର୍ଶକଙ୍କୁ ଷ୍ଟାଡିୟମରେ ଏକତ୍ରିତ ହେବାକୁ ଅନୁମତି ଦେବା ସହିତ ଲୋକମାନଙ୍କୁ ସେମାନଙ୍କର ଗତିବିଧିକୁ ସୀମିତ କରିବାକୁ କହିପାରିବୁ ନାହିଁ । ଆମେ ନିଷ୍ପତ୍ତି ନେଇଛୁ ଯେ, ଯେପର୍ଯ୍ୟନ୍ତ ଏହି ସଙ୍କଟ ଜାରି ରହିବ, ସେପର୍ଯ୍ୟନ୍ତ ଆମେ ଷ୍ଟାଡିୟମରେ ମ୍ୟାଚ୍ ଦେଖିବାକୁ ଦର୍ଶକମାନଙ୍କୁ ଅନୁମତି ଦେବୁ ନାହିଁ। ଏହା ଏକ କଷ୍ଟକର ନିଷ୍ପତ୍ତି ଥିଲା, କିନ୍ତୁ ଏହା ନେବା ଆବଶ୍ୟକ ଥିଲା। ଉଦଘାଟନୀ ଉତ୍ସବ ମଧ୍ୟ ବାତିଲ କରାଯିବ ବୋଲି କୁହାଯାଇଛି ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZb Kêcûe ]k